ବର୍ଷ-୨୫, ସଂଖ୍ୟା-୮୮
ଭୁବନେଶ୍ୱର
୩୧, ମାର୍ଚ୍ଚ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 88
Bhubaneswar
31 March, 2025, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ବିବାଦରେ ଷ୍ଟାଣ୍ଡଅପ୍ କମେଡିଆନ ଶ୍ୱାତୀ ଶଚଦେବା

# ଅନ୍ତ୍ୟୋଦୟ ଗୃହ ଯୋଜନାର ରାଜ୍ୟସ୍ତରୀୟ ଶୁଭାରମ୍ଭ

## ପ୍ରଥମ ଦିନରେ ୬୦ ହଜାର ଘର କାର୍ଯ୍ୟାଦେଶ

## ପ୍ରତ୍ୟେକ ଘର ପାଇଁ ୧.୨୦ ଲକ୍ଷ ଟଙ୍କା

## ୩ ବର୍ଷରେ ୫ ଲକ୍ଷ ଘର, ଖର୍ଚ୍ଚ ହେବ ୭,୫୫୦ କୋଟି





**ଭବାନୀପାଟଣା,୩୦।୩(ମହାଭାରତ):** ୭୦ ଦଶକରୁ ଆଜି ପର୍ଯ୍ୟନ୍ତ ଘର ଖଣ୍ଡିଏ ପାଇବା ଗରିବ ଓ ସାଧାରଣ ଲୋକଙ୍କ ପାଇଁ ବଡ ସମସ୍ୟା ହୋଇ ରହିଛି। ଆଜି ମଧ୍ୟ ଅନେକଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡିଏ ବି ନାହିଁ। ଏ ସମସ୍ୟାର ସମାଧାନ ହେବ ଏବଂ ସମସ୍ତଙ୍କୁ ପକ୍କା ଘର ମିଳିବ। ଅନ୍ତ୍ୟୋଦୟ ଗୃହ ଯୋଜନାରେ ସବୁଠାରୁ ଗରିବ ଓ ଅସହାୟ ଲୋକଙ୍କ ପାଇଁ ଘର ଦିଆଯିବ। ଆଜି କଳାହାଣ୍ଡିର ଭବାନୀପାଟଣାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ହିନ୍ଦୁ ନବ ବର୍ଷର ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଏହି ଯୋଜନା ଗ୍ରାମାଂଚଳର ପ୍ରତ୍ୟେକ ପରିବାର ପାଇଁ ସମ୍ମାନର ସହ ବଂଚିବାକୁ ଆଶା ଓ ଭରସା ଯୋଗାଇଦେବ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ୨୦୧୮ ମସିହାରେ ସମସ୍ତଙ୍କୁ ପକ୍କା ଘର ଯୋଗାଇଦେଇ ଏହି ସମସ୍ୟାର ସମାଧାନ ପାଇଁ ଘୋଷଣା କରିଥିଲେ । ସେଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ସହରୀ ଓ ଗ୍ରାମୀଣ ଆଦି ଯୋଜନା କାର୍ଯ୍ୟକାରୀ ହେଉଛି । ଏହାକୁ ଆହୁରି ଜୋରଦାର କରାଯାଇ ଓଡିଶାରେ ଆମେ ଆରମ୍ଭ କରିଛୁ ଅନ୍ତ୍ୟୋଦୟ ଗୃହ ଯୋଜନା । ଏହା ଦ୍ୱାରା ସମସ୍ତଙ୍କ ପାଇଁ ଘର ସୁନିଶ୍ଚିତ କରାଯାଇ ପାରିବ। ଆଜି ପ୍ରଥମ ଦିନରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୬୦ ହଜାର ଘର ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ଆଗାମୀ ୩ ବର୍ଷରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଘର ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି । ଚଳିତ ବର୍ଷ ଏହି ଯୋଜନା ପାଇଁ ୨,୬୦୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଥିବା ବେଳେ ଆଗାମୀ ୩ ବର୍ଷରେ ଏଥିପାଇଁ ୭,୫୫୦ କୋଟି ଟଙ୍କା ବିନିଯୋଗ କରାଯିବ । ସୂଚନାଯୋଗ୍ୟ ଯେ, ବିଜୁ ପକ୍କା ଘର ଯୋଜନାରେ ୧୦ ବର୍ଷରେ ବହୁତ କମ ଘର ନିର୍ମାଣ ହୋଇଛି।

ଏହି ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବା ସହିତ ଏଥିରେ ଅନ୍ୟାନ୍ୟ ଯୋଜନାର ସମନ୍ୱୟ କରାଯାଇ ବିଭିନ୍ନ ଆବଶ୍ୟକୀୟ ସୁବିଧା ଦିଆଯିବ । ସ୍ୱଚ୍ଛ ଭାରତ ମିଶନରୁ ଶୌଚାଳୟ, ଉଜ୍ଜ୍ୱଳା ଯୋଜନାରୁ ରନ୍ଧନ ଗ୍ୟାସ, ଜଳ ଜୀବନ ମିଶନରୁ ସ୍ୱଚ୍ଛ ପାନୀୟ ଜଳ, ସୌଭାଗ୍ୟ ଯୋଜନାରୁ ବିଦ୍ୟୁତ ସଂଯୋଗ ଆଦି ଯୋଗାଇ ଦିଆଯିବ । ଜୀବନଯାପନ ପାଇଁ ସବୁ ଆବଶ୍ୟକୀୟ ସୁବିଧା ଦିଆଯିବ । କେବଳ ସେତିକି ନୁହେଁ, ଏହି ଯୋଜନାରେ ହିତାଧିକାରୀମାନଙ୍କୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୯୦ରୁ ୯୫ ଦିନ ପର୍ଯ୍ୟନ୍ତ ଅଣକୁଶଳୀ ଶ୍ରମିକ ଭାବରେ ପାରିଶ୍ରମିକ ସହ କାମ ଯୋଗାଇ ଦିଆଯିବ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯୋଜନାରେ ସମାଜରେ ସବୁଠାରୁ ଅଧିକ ଗରିବ ଓ ଅସହାୟ ଲୋକମାନେ ଉପକୃତ ହେବେ। ଭିନ୍ନକ୍ଷମ, ବିଧବା, କର୍କଟ ଭଳି ଅନ୍ୟାନ୍ୟ ଗୁରୁତର ରୋଗରେ ପୀଡ଼ିତ ପରିବାର, ଶହୀଦ ପରିବାର, ଘରପୋଡ଼ି, ହାତୀ ଉପଦ୍ରବ ତଥା ବନ୍ୟା ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟରେ ଭୀଷଣ ଭାବେ ପ୍ରଭାବିତ ହୋଇଥିବା ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର କରାଯିବ । ଏହା ସହିତ କର୍କଟ, କୁଷ୍ଠ, କିଡ଼ନୀ ରୋଗ, ଲିଭର ସିରୋସିସ, ଥାଲାସେମିଆ ଅଥବା ଐଓଠ

## ପୋଲିସ ବାବୁଙ୍କୁ ମାଡ଼

ଯାଜପୁର,୩୦।୩(ମହାଭାରତ): ଯାଜପୁର କୋରେଇ ଥାନା ଅଧିକାରୀଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା ସାମନାକୁ ଆସିଛି। ଚୋରି ବାଇକ୍ ଜବତ କରିବାକୁ ଯାଇଥିବା ବେଳେ ଥାନା କର୍ମଚାରୀଙ୍କ ସହ ଆଇଆଇସି ରାକେଶ ତ୍ରିପାଠୀଙ୍କୁ ଆକ୍ରମଣ ପୋଲିସ ଜବତ କରିଥିବା ଗାଡ଼ି ଛଡ଼ାଇ ନେଇଛନ୍ତି ତେଲେଙ୍ଗା ବସ୍ତିର କିଛି ମହିଳା। କେବଳ ସେତିକି ନୁହେଁ: ପୋଲିସ କବଜାରୁ ଅଭିଯୁକ୍ତଙ୍କୁ ଛଡ଼ାଇ ନେବା ସହ ପୋଲିସ ଗାଡ଼ି ମଧ୍ୟ ଭଙ୍ଗାରୁଜା କରିଛନ୍ତି। ମହିଳାଙ୍କ ଆକ୍ରମଣରେ କୋରେଇ ଥାନା ଅଧିକାରୀ ଆହତ ହୋଇଛନ୍ତି।

## ଏପ୍ରିଲ ୧ରୁ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ପାଳନ ହେବ ଓଡ଼ିଆ ପକ୍ଷ

**ଭୁବନେଶ୍ୱର,୩୦।୩(ମହାଭାରତ) :** ଏଥର ଓଡ଼ିଆ। ନବବର୍ଷକୁ ମହାଆଡ଼ମ୍ବରରେ ପାଳନ କରାଯିବ। ପ୍ରଥମ ଥର ପାଇଁ ଏପ୍ରିଲ ମାସ ୧ ତାରିଖ ଓଡ଼ିଶା ଦିବସ ଠାରୁ ୧୪ ଏପ୍ରିଲ ଓଡ଼ିଆ। ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡ଼ିଆ। ପକ୍ଷ ପାଳନ କରିବା ନିମନ୍ତେ ସରକାରଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ଓଡ଼ିଆ। ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ଚିଠି ଲେଖାଯାଇଛି ବୋଲି ଆଜି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରକାଶ କରିଛନ୍ତି। ଦୀର୍ଘ ୧୪ ଦିନ ଧରି ରାଜ୍ୟବ୍ୟାପୀ ରାଜ୍ୟ ସ୍ତରୀୟ ଓ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ସରକାରଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ଓଡ଼ିଆ। ପକ୍ଷ ପାଳନ ନେଇ ସମସ୍ତ ବିଭାଗୀୟ ସଚିବ ଓ ଜିଲ୍ଲାପାଳଙ୍କ ସହ ବୈଠକ କରାଯାଇଛି। ଓଡ଼ିଆ। ପକ୍ଷକୁ ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ବହୁ ଆଡ଼ମ୍ବର ସହକାରେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରକାଶ କରିଛନ୍ତ। ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ଭାଷା ଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ଉପଲକ୍ଷେ ରାଜ୍ୟ, ଜିଲ୍ଲା ଏବଂ ଉପଖଣ୍ଡ ସ୍ତରରେ ଓଡ଼ିଶା ଦିବସ ପାଳନ କରାଯିବ। ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଦିବସ ପାଳନ କରାଯିବ। ଏପ୍ରିଲ ୨ରେ ରାଜ୍ୟର ପ୍ରାଥମିକ ବିଦ୍ୟାଳୟର ଶିଶୁ ବାଟିକାରେ ନାମ ଲେଖାଯିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ପାଳନ କରାଯିବ। ଏପ୍ରିଲ ୩ ତାରିଖରେ ପାରମ୍ପରିକ ଓଡ଼ିଆ। ପୋଷାକ ତଥା ଓଡ଼ିଶାର ହସ୍ତତନ୍ତ, ବୟନ ଶିଳ୍ପର ପ୍ରଚାର-ପ୍ରସାର ପାଇଁ ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ପାରମ୍ପରିକ ପୋଷାକ ପରିଧାନ- ଆମ ପୋଷାକ ଆମ ପରିଚୟ ଦିବସ ପାଳନ କରାଯିବ।

# କାମାକ୍ଷା ଏକ୍ସପ୍ରେସ ଲାଇନଚ୍ୟୁତ



**କଟକ,୩୦।୩(ମହାଭାରତ):** ଓଡ଼ିଶାରେ ପୁଣି ଏକ ରେଳ ଦୁର୍ଘଟଣା ଘଟିଛି। ଆଜି କଟକର ଚୌଦ୍ୱାରର ନିର୍ଗୁଣ୍ଡି ରେଳ ଷ୍ଟେସନ ନିକଟରେ କାମାକ୍ଷା ଏକ୍ସପ୍ରେସର ଏକାଧିକ କୋଚ୍ ଲାଇନଚ୍ୟୁତ ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ବେଙ୍ଗାଲୁରୁ-କାମାକ୍ଷା ଏକ୍ସପ୍ରେସ୍ ଟ୍ରେନଟି ନିର୍ଗୁଣ୍ଡି ନିକଟରେ ଆଜି ଦିନ ୧୧ଟା ୫୪ ମିନିଟରେ ଲାଇନଚ୍ୟୁତ ହୋଇଥିଲା। ଫଳରେ ଟ୍ରେନର ୧୧ଟି ବଗି ରେଳଧାରଣାରୁ ଖସିପଡ଼ିଥିଲା। ଏହା ଦ୍ୱାରା ୮ ଜଣ ଯାତ୍ରୀ ଟ୍ରେନରୁ ଖସିପଡ଼ିଥିଲେ। ସେମାନଙ୍କର ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୮ ଜଣଙ୍କର ଚିକିତ୍ସା ଜାରି ରହିଛି। ମୃତ ବ୍ୟକ୍ତି ହେଲେ ଶୁଭଙ୍କର ରୟ। ଏହି ଘଟଣା ପରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମେଡିକାଲରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଥିଲେ। ବରିଷ୍ଠ ଡାକ୍ତରମାନେ ଆହତଙ୍କ ଚିକିତ୍ସା କରୁଛନ୍ତି। ଦୁର୍ଘଟଣା ପରେ ଏନଡିଆରଏଫ୍ ଟିମ୍ ଓ ଅଗ୍ନିଶମ ବାହିନୀ ଲୋକଙ୍କ ଉଦ୍ଧାରକାର୍ଯ୍ୟ କରିଥିଲେ। ଭୟରେ ଯାତ୍ରୀମାନେ ସେମାନଙ୍କର ଲଗେଜ୍ ସହିତ ଟ୍ରେନରୁ ଓହ୍ଲାଇ ପଡୁଥିବା ଦେଖାଯାଇଥିଲା। ଟ୍ରେନରୁ ଓହ୍ଲାଇ ପଡିଥିବା ଯାତ୍ରୀମାନେ ଖରାରେ ଦୀର୍ଘ ସମୟ ଅଟକିଥିଲେ। ସେମାନଙ୍କୁ ଖରାରେ ଛିଡ଼ା ହେବାକୁ ପଡ଼ିଥିଲା। ଖରାରେ ଥିବା ଯାତ୍ରୀମାନେ ହନ୍ତସନ୍ତ ହୋଇଥିଲେ। ଏହି ଦୁର୍ଘଟଣା ପରେ ୫ଟି ଟ୍ରେନର ଗତିପଥରେ ପରିବର୍ତ୍ତନ କରାଯାଇଛି। ରେଳବାଇ ପକ୍ଷରୁ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି। କଟକ ପାଇଁ ହେଲ୍ପଲାଇନ୍ ନଂ -୮୯୯୧୧୨୪୨୩୮, ଭୁବନେଶ୍ୱର ପାଇଁ ହେଲ୍ପଲାଇନ୍ ନଂ - ୮୪୫୫୮୮୫୯୯୯, ଭଦ୍ରକ ପାଇଁ ହେଲ୍ପଲାଇନ୍ ନଂ -୯୪୩୭୪୪୩୪୬୧। ଦୁର୍ଘଟଣାସ୍ଥଳ ପାଇଁ ନଂ- ୮୯୯୧୧୨୪୨୩୮। ଖୋର୍ଦ୍ଧା ପାଇଁ ହେଲ୍ପଲାଇନ୍ ନଂ -୦୬୭୪୨୪୯୨୨୪୫।

ପୂର୍ବତଟ ରେଳପଥର ସିଆରପିଓ ଅଶୋକ ମିଶ୍ର ଗଣମାଧ୍ୟମକୁ କହିଛନ୍ତି, ୧୧ଟି କୋଚ୍ ଦୁର୍ଘଟଣା ହୋଇଛି ।ଘଟଣା ପୂର୍ବାହ୍ନ ପ୍ରାୟ ୧୧.୫୪ ସମୟରେ ଘଟିଥିଲା। ଡିଆରଏମ ଖୋର୍ଦ୍ଧା ରୋଡ୍, ଜିଏମ/ଇସିଓଆର ଏବଂ ଅନ୍ୟାନ୍ୟ ଉଚ୍ଚସ୍ତରୀୟ ଅଧିକାରୀମାନେ ଘଟଣାସ୍ଥଳକୁ ପହଞ୍ଚିଛନ୍ତି। ଦୁର୍ଘଟଣା ରିଲିଫ୍ ଏବଂ ମେଡିକାଲ ରିଲିଫ୍ ଟ୍ରେନ୍ ଘଟଣାସ୍ଥଳକୁ ଯାତ୍ରା କରିଛି। ପ୍ରଭାବିତ ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚିବାରେ ସାହାଯ୍ୟ କରିବା ପାଇଁ ବ୍ୟବସ୍ଥା କରାଯାଉଛି। ଆମର ପ୍ରାଥମିକତା ହେଉଛି ଯଥାଶୀଘ୍ର ଲାଇନକୁ ପୁନଃସ୍ଥାପିତ କରିବା ଏବଂ ତଦନୁସାରେ ଅନ୍ୟ ଟ୍ରେନଗୁଡ଼ିକୁ ଗତିପଥ ପରିବର୍ତ୍ତନ କରାଯିବ ବୋଲି ସେ କହିଛନ୍ତି।

## ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୩୦।୩(ମହାଭାରତ): ବାଙ୍ଗାଲୋର-କାମାଖ୍ୟା ଏସି ଏସ୍ଏଫ୍ ଏକ୍ସପ୍ରେସ୍ ଲାଇନଚ୍ୟୁତ ହେବା ଘଟଣାର ବିସ୍ତୃତ ତଦନ୍ତ କମିଶନର ଅଫ୍ ରେଲୱେ ସେଫ୍ଟି (ସିଆରଏସ୍) କରିବେ ବୋଲି ପୂର୍ବତଟ ରେଳପଥ (ଇସିଓଆର୍) ସୂଚନା ଦେଇଛି। ଏହି ଦୁର୍ଘଟଣାରେ ୨୨ ବର୍ଷ ବୟସ୍କ ଶୁଭଙ୍କର ରାୟ ପ୍ରାଣ ହରାଇଛନ୍ତି। ସେହିପରି ଜଣେ ମହିଳା ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି ଏବଂ ଅନ୍ୟ ଦୁଇ ପୁରୁଷ ଯାତ୍ରୀ ସାଧାରଣ ଆଘାତ ପାଇଁ ଚିକିତ୍ସିତ ହେଉଛନ୍ତି। ମୃତକଙ୍କ ସମ୍ପର୍କୀୟଙ୍କୁ ୫,୦୦,୦୦୦ ଟଙ୍କା ସହାୟତା ଘୋଷଣା କରାଯାଇଥିଲା ବେଳେ ଗୁରୁତରଙ୍କ ପାଇଁ ୨,୫୦,୦୦୦ ଟଙ୍କା ଏବଂ ସାମାନ୍ୟ ଆହତଙ୍କ ପାଇଁ ୫୦,୦୦୦ ଟଙ୍କା ପ୍ରଦାନ କରାଯିବ। ପ୍ରଭାବିତ ରୁଟ୍‌ଗୁଡ଼ିକରେ ଯଥାଶୀଘ୍ର ସ୍ୱାଭାବିକତା ଫେରାଇ ଆଣିବା ପାଇଁ ପ୍ରୟାସ ଜାରି ରହିଛି ଏବଂ ଉଦ୍ଧାର କାର୍ଯ୍ୟ ସମୟରେ ସୁରକ୍ଷା ପ୍ରୋଟୋକଲ୍ କଡ଼ାକଡ଼ି ପାଳନ କରାଯାଇଛି ବୋଲି ଇସିଓଆର୍ କହିଛି। ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତ ବ୍ୟକ୍ତିଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହିତ ଆହତ ଯାତ୍ରୀମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛି ।ଏହା ସହିତ ଆହତ ଯାତ୍ରୀମାନଙ୍କର ଶୀଘ୍ର ଆରୋଗ୍ୟ କାମନା କରିଛି।





## ପବିତ୍ର ଇଦ୍-ଉଲ୍-ଫିତର-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳ ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍ପାଟି)

OIPR-15001/13/0465/2425 DSPL-439



## ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଇଦ୍ ମୁବାରକ୍ !

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଅଣ୍ଡା ଚିକେନ ଫ୍ରାଏ

ସାମଗ୍ରୀ: ଚିକେନ ,ଅଣ୍ଡା , ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା , ଲୁଣ , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ଗୋଟା ଗରମ ମସଲା , ଜିରା , କଟା ଟମାଟୋ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକନେକୁ ଭଲ ଭାବେ ଧୋଇ ସେଥିରେ ଲଙ୍କା ଗୁଣ୍ଡ , ହଳଦୀ ଗୁଣ୍ଡ , ଅଦା – ରସୁଣ ବଟା ଓ ଲୁଣ ପକାନ୍ତୁ। ଏବେ ସେଥିରେ ଜିରା ଗୁଣ୍ଡ , ଧନିଆ ଗୁଣ୍ଡ ଓ ଅଣ୍ଡା ପକାଇ ମ୍ୟାରିନେଟ କରି ରଖନ୍ତୁ।

କିଛି ସମୟ ପରେ କଡ଼େଇରେ ତେଲ ଗରମ କରି ଗୋଟା ଗରମ ମସଲା , ଜିରା , କଟା ଟମାଟୋ, ଅଣ୍ଡା , ଲୁଣ ଓ ହଳଦୀ ପକାଇ ଭଲ ଭାବେ କଷନ୍ତୁ। ଅଣ୍ଡା ମସଲା କଷି ହୋଇଗଲେ ସେଥିରେ ମ୍ୟାରିନେଟ ହୋଇଥିବା ଚିକେନ ପକାଇ କଷନ୍ତୁ। ଏବେ ଅଳ୍ପ ପାଣିଦେଇ ଘୋଡ଼େଇ ଦିଅନ୍ତୁ। ଏବେ ଚିକନେ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ। ତେବେ କିଛି ସମୟ ଅନ୍ତରରେ ଘୋଡ଼ଣୀ କାଢି ଦେଖି ଥାଆନ୍ତୁ। ନ ହେଲେ ଚିକେନ ଲାଗି ଯାଇପାରେ। ଚିକେନ ସିଝି ଗଲା ପରେ ଓ ପାଣି ପୂରା ମରିଗଲା ପରେ ସେଥିରେ ଟମାଟୋ ସସ୍ , ଚିଲି ସସ୍ ପକାଇ ଆଉ ଅଳ୍ପ ସମୟ ଚୁଲିରେ ବସାନ୍ତୁ। ଏହାପରେ କଡ଼େଇକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ‘ଅଣ୍ଡା ଚିକେନ ଫ୍ରାଏ’ ।



ଖବର


## ଆହତ ହେବା ସତ୍ତ୍ୱେ ସୁଟିଂ ଜାରି ରଖିଛନ୍ତି କାର୍ତ୍ତିକ





ବଲିଉଡ ଫିଲ୍ମ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତା କାର୍ତ୍ତିକ ଆର୍ୟନ ଦକ୍ଷିଣ ଅଭିନେତ୍ରୀ ଶ୍ରୀଲୀଲାଙ୍କ ସହ ଅନୁରାଗ ବସୁଙ୍କ ନୂତନ ରୋମାଣ୍ଟିକ ଥ୍ରିଲର ସୁଟିଂରେ ବ୍ୟସ୍ତ ଅଛନ୍ତି। ସମ୍ପ୍ରତି କାର୍ତ୍ତିକ ଆର୍ୟନଙ୍କ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଯେଉଁଥିରେ ତାଙ୍କ ହାତରେ ଆଘାତ ଲାଗିଥିବା ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି। ହାତରେ ଆଘାତ ଲାଗିବା ସତ୍ତ୍ୱେ, କାର୍ତ୍ତିକ ଆର୍ୟନ ଶ୍ରୀଲୀଲାଙ୍କ ସହିତ ସୁଟିଂ ଜାରି ରଖିଛନ୍ତି। କାର୍ତ୍ତିକଙ୍କ ଏହି ଫଟୋକୁ ଦେଖି ତାଙ୍କ ଫ୍ୟାନ୍ସମାନେ ବ୍ୟସ୍ତ ହୋଇପଡ଼ିଛନ୍ତି। କେହିକେହି ଫଟୋରେ ଆଘାତ ସହିତ କାର୍ତ୍ତିକଙ୍କ ମୁଖମଣ୍ଡଳରେ ଥିବା ହସ ପାଇଁ ଆଶ୍ୱସ୍ତି ହୋଇଛନ୍ତି। ଏଥିରୁ ଅନୁମାନ କରାଯାଉଛି କି କାର୍ତ୍ତିକଙ୍କ ହାତରେ ଲାଗିଥିବା ଆଘାତ ଗୁରୁତର ନୁହେଁ। ସେ ଖୁବଶୀଘ୍ର ଏହି ଆଘାତ ମୁକ୍ତି ପାଇଯିବେ ବୋଲି ଫ୍ୟାନ୍ସମାନେ ପ୍ରତିକ୍ରିୟା ଦେଇ କହିଛନ୍ତି ।ସୁଟିଂ କରୁଥିବା ସମୟରେ କାର୍ତ୍ତିକଙ୍କ ହାତରେ ଏହି ଆଘାତ ଲାଗିଥିବା କୁହାଯାଉଛି। ସୁଟିଂ ପାଇଁ ସିଲିଗୁଡ଼ିର ଏକ ହୋଟେଲରେ ପହଞ୍ଚିବା ପରେ କାର୍ତ୍ତିକ ଆର୍ୟନ ଏବଂ ଶ୍ରୀଲୀଲାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ସମୟରେ କାର୍ତ୍ତିକଙ୍କ କିଛି ଫଟୋ ସାମ୍ନାକୁ ଆସିଥିଲା। ଯେଉଁଥିରେ ତାଙ୍କ ହାତରେ ଲାଗିଥିବା ଆଘାତରେ ପଟି ବନ୍ଧା ଥିବା ସମସ୍ତେ ଦେଖିବାକୁ ପାଇଥିଲେ।

## ଶରୀର: ଈଶ୍ୱରଙ୍କ ପବିତ୍ର ନିବାସସ୍ଥାନ



ଶରୀର, ଈଶ୍ୱରଙ୍କ ପବିତ୍ର ନିବାସ ସ୍ଥାନ । ଖରାପ ଅଭ୍ୟାସ ଦ୍ୱାରା ଶରୀରରୂପୀ ମନ୍ଦିରକୁ ରୁଗ୍ଣ କରିବା ପ୍ରକୃତି ଦୃଷ୍ଟିରେ ବଡ଼ ଅପରାଧ । ଏହାର ଫଳସ୍ୱରୂପ ଯନ୍ତ୍ରଣା, ଅସ୍ଥିରତା, ଆସକ୍ତି, ଅଳ୍ପାୟୁ, ଆର୍ଥିକ ହାନି, ତିରସ୍କାର ଭଳି ଦଣ୍ଡ ଭୋଗିବାକୁ ପଡ଼ିଥାଏ । ଆହାର ଏବଂ ବିହାରରେ ସଂଯମତା ନରହିଲେ ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ଉପରେ କୁପ୍ରଭାବ ପଡ଼ିଥାଏ। ଏହାଦ୍ୱାରା ଶରୀର ଦୁର୍ବଳ ଏବଂ ରୋଗଗ୍ରସ୍ତ ହୋଇଥାଏ। ଶରୀରକୁ ନିରୋଗୀ ରଖିବା କଠିନ ନୁହେଁ । ସେଥିପାଇଁ ଆହାର, ଶ୍ରମ ଏବଂ ବିଶ୍ରାମରେ ସନ୍ତୁଳନ ବଜାୟ ରଖିବା ଉଚିତ । ଆଳସ୍ୟମୁକ୍ତ, ଶ୍ରମଯୁକ୍ତ ବ୍ୟବସ୍ଥିତ ଜୀବନଶୈଳୀ ନିର୍ଦ୍ଧାରଣ କରିବା କଠିନ ନୁହେଁ । ଶରୀରକୁ ମନ୍ଦିର ଭଳି ମହତ୍ତ୍ୱ ଦେବା ଉଚିତ। ସ୍ୱଚ୍ଛ, ସୁସ୍ଥ ଏବଂ ସକ୍ଷମ ଶରୀର ନିର୍ମାଣ କରିବାକୁ ନିଜ ପାଇଁ ପୂଣ୍ୟ କର୍ତ୍ତବ୍ୟ ଭାବେ ଗ୍ରହଣ କରିବା ଉଚିତ। ଉପବାସ ଦ୍ୱାରା ସ୍ୱାଦ ଏବଂ ଅତିଆହାର ଭଳି ଦୁଷ୍ପ୍ରବୃତ୍ତି ଉପରେ ଅଧିକାର ପାଇବା ଲାଗି ପ୍ରୟାସ କରିବା ଉଚିତ୍ । ଏହାପରେ ଏହି ଶରୀରରୁ ଲାଭ ପାଇବା ସମ୍ଭବ । ଏହାକୁ ଋଷିମୁନି ଓ ବୈଜ୍ଞାନିକମାନେ ମଧ୍ୟ ସ୍ୱୀକାର କରିଛନ୍ତି ।

## ଗଜ ଉଦ୍ଧାରଣର କଥା




ଗଜ-ଉଦ୍ଧାରଣ ଭଗବାନ ବିଷ୍ଣୁ ବା ଶ୍ରୀଜଗନ୍ନାଥଙ୍କର ଏକ ପ୍ରସିଦ୍ଧ ଲୀଳା। ଚକ୍ର ଆୟୁଧରେ ଗ୍ରାହ (କୁମ୍ଭୀର)ର ଶିରଚ୍ଛେଦ କରି ଭଗବାନ ଗଜେନ୍ଦ୍ରକୁ ଉଦ୍ଧାର କରିଥିଲେ। ତାହା ଫଳରେ କୁମ୍ଭୀର ତା’ର ପୂର୍ବଜନ୍ମର ଗନ୍ଧର୍ବରୂପ ଫେରିପାଇଥିଲା। ଗଜେନ୍ଦ୍ର ମଧ୍ୟ ସାରୂପ୍ୟ ମୁକ୍ତି ପାଇ, ବିଷ୍ଣୁଙ୍କ ପରି ଚତୁର୍ଭୁଜ ହୋଇ ବିଷ୍ଣୁଲୋକ ଗମନ କରିଥିଲା। କିନ୍ତୁ ଏହି ଅବସରରେ ଭଗବାନ ବିଷ୍ଣୁ ଗଜେନ୍ଦ୍ରକୁ ଯାହା କହିଥିଲେ, ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ସଂସ୍କୃତ ‘ଶ୍ରୀମଦ୍ଭାଗବତ’ ଅନୁସାରେ, ଭଗବାନ ବିଷ୍ଣୁ ଗଜେନ୍ଦ୍ର ଉପରେ ପ୍ରସନ୍ନ ହୋଇ କହିଥିଲେ- ହେ ଗଜେନ୍ଦ୍ର ! ଯେଉଁମାନେ ମୋର ଶ୍ରୀବତ୍ସ ଚିହ୍ନ, କୌସ୍ତୁଭ ମଣି, ମାଳା, କୌମାଦକୀ ଗଦା, ସୁଦର୍ଶନ ଚକ୍ର, ପାଞ୍ଚଜନ୍ୟ ଶଙ୍ଖ, ପକ୍ଷୀରାଜ ଗରୁଡ଼, ମୋର ସୂକ୍ଷ୍ମ ଅଂଶରୂପୀ ଅନନ୍ତ, ମୋର ଆଶ୍ରିତା ଲକ୍ଷ୍ମୀଦେବୀ, ବ୍ରହ୍ମା, ଶିବ, ନାରଦମୁନି, ପ୍ରହ୍ଲାଦ, ମତ୍ସ୍ୟ, କୂର୍ମ ଓ ବରାହ ପ୍ରଭୃତି ମୋର ଅନନ୍ତ ପୁଣ୍ୟମୟ ଅବତାରମାନଙ୍କର ଲୀଳା ଏବଂ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନିଙ୍କୁ ମୋର ରୂପଭାବେ ସ୍ମରଣ କରନ୍ତି; ଓଁକାର, ସତ୍ୟ, ମୂଳପ୍ରକୃତି, ଗୋ, ବ୍ରାହ୍ମଣ, ଅକ୍ଷୟ ସନାତନଧର୍ମ, ସୋମ, କଶ୍ୟପ ଓ ଧର୍ମଙ୍କର ପତ୍ନୀ ଦକ୍ଷ କନ୍ୟାଗଣଙ୍କୁ ଏବଂ ଭକ୍ତରାଜ ଧ୍ରୁବ, ମରୀଚି ଆଦି ସପ୍ତଋଷିଙ୍କୁ, ପୁଣ୍ୟଶ୍ଳୋକ ମନୁଷ୍ୟ (ଯଥା ଯୁଧିଷ୍ଠିର, ଜନକ, ନଳରାଜା ଆଦି)ଙ୍କୁ ମଧ୍ୟ ମୋର ରୂପ ଭାବରେ ସ୍ମରଣ କରନ୍ତି, ସେମାନେ ସମସ୍ତ ପାପରୁ ମୁକ୍ତ ହୋଇଯାଆନ୍ତି ! କେବଳ ଏତିକି ନୁହେଁ; ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ସେ ଗଜେନ୍ଦ୍ରକୁ ଆହୁରି ମଧ୍ୟ କହିଥିଲେ- ହେ ଗଜେନ୍ଦ୍ର ! ଯେଉଁମାନେ ତୁମକୁ ଓ ମୋତେ, ଏବଂ ଏହି ଗିରିକନ୍ଦର, ବନ, ସରୋବର, ବେତବାଉଁଶ ଆଦିର ବୁଦା ଏବଂ ଦେବଦାରୁ ଆଦି ବୃକ୍ଷଙ୍କୁ ଏବଂ ସମସ୍ତ ଗିରିଶୃଙ୍ଗଙ୍କୁ, ମୋର ପ୍ରିୟ କ୍ଷୀରସାଗର ଓ ଶ୍ୱେତଦୀପକୁ ଏବଂ ଗଙ୍ଗା, ସରସ୍ୱତୀ, ଅଳକାନନ୍ଦା ଓ ଯମୁନା ଆଦି ନଦୀଙ୍କୁ ମୋର ରୂପ ଭାବରେ ସ୍ମରଣ କରନ୍ତି, ସେମାନେ ମଧ୍ୟ ସମସ୍ତ ପାପରୁ ମୁକ୍ତ ହୋଇଯାଆନ୍ତି। ‘ଶ୍ରୀମଦ୍ଭାଗବତ’ର ଏହି ଉକ୍ତି ଆମକୁ ସ୍ପଷ୍ଟ ରୂପେ ସୂଚାଏ, ଯେ ଏ ସମସ୍ତ ହେଉଛନ୍ତି ଭଗବାନଙ୍କର ସ୍ୱରୂପ। ଏଣୁ ଆମେ ସେମାନଙ୍କୁ ସ୍ୱୟଂ ଭଗବାନ ବିଷ୍ଣୁଙ୍କ ପରି ଉପାସନା କରିବା ଉଚିତ।

## ପବିତ୍ର କୈଳାସ ମାନସରୋବର



ପୁରାଣରେ ବର୍ଣ୍ଣିତ ଅଛି- ଦେବୀ ସତୀଙ୍କ ମୃତଦେହକୁ ଧରି ପାଗଳପ୍ରାୟ ଘୁରି ବୁଲୁଥିବା ମହାଦେବଙ୍କ କ୍ରୋଧ ଶାନ୍ତ କରିବା ଲାଗି ଭଗବାନ ବିଷ୍ଣୁ ସୁଦର୍ଶନ ଚକ୍ର ପ୍ରେରଣ କଲେ । ସୁଦର୍ଶନ ମାତା ସତୀଙ୍କ ଶରୀରକୁ ୫୧ ଖଣ୍ଡରେ ପରିଣତ କଲା । ଏହି ଖଣ୍ଡ ସବୁ ବିଛାଡ଼ି ହୋଇ ବିଭିନ୍ନ ସ୍ଥାନରେ ଛିଟିକି ପଡ଼ିଲା । ଏହି ଖଣ୍ଡଗୁଡ଼ିକ ମଧ୍ୟରୁ ମାତା ସତୀଙ୍କ ଡାହାଣ ହାତ ଖସିପଡ଼ିଥିବା ସ୍ଥାନଟି ପବିତ୍ର କୈଳାସ ପର୍ବତ ପାଦଦେଶରେ ରହିଛି । ଏହି ସ୍ଥାନ ଏବେ ତିବ୍ବତ ସୀମା ଅଧିନ ହିମାଳୟ ପର୍ବତମାଳାର କୈଳାସ ମାନସରୋବର ନିକଟରେ ରହିଛି । ଯାହା ମାନସ ରୂପରେ ପ୍ରସିଦ୍ଧ । ଏଠାରେ ମାତା ଶକ୍ତିଙ୍କୁ ଦାକ୍ଷାୟିନୀ ରୂପରେ ପୂଜା କରାଯାଇଥାଏ । ମହାଦେବଙ୍କ ଭୈରବ ସ୍ୱରୂପ ମଧ୍ୟ ଏଠାରେ ରହିଛନ୍ତି । ଯାହାଙ୍କୁ ଅମର ନାମରେ ଆରାଧନା କରାଯାଇଥାଏ । ତେବେ ଏଠାରେ ମାତା ଶକ୍ତିଙ୍କ କୌଣସି ମନ୍ଦିର ନଥିବା ଜଣାଯାଏ । ଏକ ପ୍ରସ୍ତରରେ ମାତାଙ୍କୁ ପୂଜା କରାଯାଇଥାଏ । ପବିତ୍ର ମାନସରୋବର ଯାତ୍ରାରେ ଯାଉଥିବା ଶ୍ରଦ୍ଧାଳୁମାନେ ଏଠାରେ ମାତା ଶକ୍ତି ଓ ଭଗବାନ ଶିବଙ୍କ କୃପା ଲାଭ କରିଥାନ୍ତି । ତେବେ ଏହି ଯାତ୍ରା ପାଇଁ ଭକ୍ତମାନଙ୍କୁ ଅଶେଷ କଷ୍ଟ ଉଠାଇବାକୁ ପଡ଼ିଥାଏ । ବରଫାବୃତ ହିମାଳୟ ପର୍ବତର ବିଯୁକ୍ତ ତାପମାତ୍ରାରେ ଭକ୍ତମାନଙ୍କୁ ମାନସରୋବର ନିକଟରେ ପହଞ୍ଚିବାକୁ ହୋଇଥାଏ । ସଡ଼କ ଓ ବାୟୁପଥରେ ମାନସରୋବର ଯାତ୍ରା ସମ୍ଭବ ହୋଇାଥାଏ । ମାନସରୋବର ବର୍ତ୍ତମାନ ତିବ୍ବତ୍ ସୀମାରେ ଯାଉଥିବାରୁ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ଯାତ୍ରାର ଆୟୋଜନ କରାଯାଇଥାଏ । ଜୁନ୍ ମାସରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଏହି ଯାତ୍ରା ପାଇଁ ସ୍ୱତନ୍ତ୍ର ଆବେଦନ ଏବଂ ଡାକ୍ତରୀ ପରୀକ୍ଷା କରାଇବାକୁ ହୋଇଥାଏ । କୁହାଯାଏ ମାନସରୋବରରେ ସ୍ନାନ କଲେ ମନୁଷ୍ୟର ସମସ୍ତ ପାପ କ୍ଷୟ ହୋଇଥାଏ ଏବଂ ମୃତ୍ୟୁପରେ ତା’କୁ ଶିବଲୋକ ପ୍ରାପ୍ତି ହୁଏ। ସୃଷ୍ଟିକର୍ତ୍ତା ବ୍ରହ୍ମା ସୃଷ୍ଟି ସର୍ଜନା କରିବା ସମୟରେ ଏହି ସରୋବରର କଳ୍ପନା କରି ଏହାର ସୃଷ୍ଟି କରିଥିଲେ । ସେଥିପାଇଁ ଏହାକୁ ମାନସ ସରୋବର ବା ମାନସରୋବର କୁହାଯାଇଥାଏ । କୈଳାସ ମହାଦେବଙ୍କ ନିବାସସ୍ଥଳ ବୋଲି ପୁରାଣରେ ବର୍ଣ୍ଣିତ ।

## ଇନ୍ଦ୍ରିୟ ସ୍ଥିରତା ହିଁ ଯୋଗ



ଉପନିଷଦ୍ ଭାରତୀୟ ଧର୍ମସାହିତ୍ୟର ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ଏଥିରେ ଅନେକ ଶିକ୍ଷଣୀୟ ଉପଦେଶ ଲୁଚି ରହିଛି । ଯେପରିକି କଠୋପନିଷଦ୍‌ର ଶାନ୍ତିପାଠରେ କୁହାଯାଇଛି- “ଓଁ ସହନାଭବତୁ । ସହ ନୌ ଭୁନକ୍ତୁ । ସହ ବୀର୍ଯ୍ୟଂ କରବାବହେ । ତେଜସ୍ୱୀନାଭଧୀତମସ୍ତୁ ମା ବିଦ୍ୱିଷାବହୈ ।” ଯାହାର ଅର୍ଥ ହେଉଛି ପରମାତ୍ମା ଆମ ଦୁହିଁଙ୍କୁ (ଗୁରୁ ଏବଂ ଶିଷ୍ୟ କିମ୍ବା ତୁମେ ଆଉ ମୁଁ) ଏକ ସହିତ ରକ୍ଷା କରନ୍ତୁ । ଏକ ସଙ୍ଗରେ ଆମକୁ ଉପଭୋଗ କରନ୍ତୁ । ଆମେ ସାଙ୍ଗ ହୋଇ ପରାକ୍ରମ ପ୍ରଦର୍ଶନ କରୁ । ଆମର ଅଧ୍ୟୟନ ତେଜସ୍ୱୀ ହେଉ । ଏହି ଶ୍ଳୋକ ପାଠ କରି ଭୋଜନ କିମ୍ବା କୌଣସି କାର୍ଯ୍ୟ କଲେ ସେହି କାର୍ଯ୍ୟର ପୂଣ୍ୟ ପ୍ରାପ୍ତି ହୋଇଥାଏ । କଠୋପନିଷଦ୍‌ର ଦୁଇଟି ଅଧ୍ୟାୟ ମଧ୍ୟରୁ ଗୋଟିଏ ଅଧ୍ୟାୟରେ ନଚିକେତା ଏବଂ ଯମଙ୍କ ମଧ୍ୟରେ କଥାବାର୍ତ୍ତା ରହିଛି । ଏ ଦୁହିଁଙ୍କ ଆଲୋଚନାରେ ବୌଦ୍ଧିକତାର ପରିଚୟ ମିଳିଥାଏ । ଦ୍ୱିତୀୟ ଅଧ୍ୟାୟରେ ଇନ୍ଦ୍ରିୟ, ଆତ୍ମା ଏବଂ ଗ୍ରହ-ନକ୍ଷତ୍ର ବିଷୟରେ ଏପରି କିଛି କଥା କୁହାଯାଇଛି ଯାହା ଜାଣିବା ମନୁଷ୍ୟ ପକ୍ଷେ ହିତକର ।

ପ୍ରଥମ ଅଧ୍ୟାୟରେ କୁହାଯାଇଛି ଯେଉଁ ଘରେ ବ୍ରାହ୍ମଣ ଭୋକିଲା ରହିଥାଏ, ତାହାର ସମସ୍ତ ଇଚ୍ଛା, ଅପେକ୍ଷା, ସତ୍‌ସଙ୍ଗରୁ ପ୍ରାପ୍ତ ଫଳ ସତ୍ୟବାଣୀ କହିବାର ଫଳ, ଯଜ୍ଞ ଆଦି ସମସ୍ତ ପୂଣ୍ୟଫଳ ନଷ୍ଟ ହୋଇଯାଇଥାଏ । ଯେତେ ଧନ ମିଳିଲେ ବି ମନୁଷ୍ୟ କେବେ ସନ୍ତୁଷ୍ଟ ହୋଇପାରେ ନାହିଁ । ତେଣୁ ଅସୀମିତ ଧନ ଅର୍ଜନ କରିବା ବ୍ୟର୍ଥ । ନିଜକୁ ଅଭିଜ୍ଞ ଏବଂ ପଣ୍ଡିତ ବୋଲି ଭାବୁଥିବା ଲୋକ ଅନ୍ଧକାର ମଧ୍ୟରେ ରହିଥାଏ । ସେପରି ବ୍ୟକ୍ତି ଠାରୁ ଅନ୍ୟ ଜଣେ ମାର୍ଗଦର୍ଶନ ଲାଭ କରିବା ଠିକ୍ ସେହିପରି ଯେପରି ଜଣେ ଅନ୍ଧ ଅନ୍ୟ ଜଣେ ଅନ୍ଧକୁ ମାର୍ଗଦର୍ଶନ କରୁଛି । ଏପରି ସ୍ଥିତିରେ ଦୁହେଁ ବାଟ ଭୁଲିଯାଇଥାନ୍ତି ।

ଧନ ଲୋଭରେ ବ୍ୟକ୍ତି ପ୍ରମାଦ କାରଣରୁ ସ୍ୱର୍ଗଲୋକର ମାର୍ଗକୁ ଚୟନ କରେନାହିଁ । ସେ ଭାବେ ଇହଲୋକ ବ୍ୟତୀତ ଅନ୍ୟ ଲୋକ ନାହିଁ । ଏପରି କରୁଥିବା ମୂର୍ଖ ଲୋକ ବାରମ୍ବାର ମୃତ୍ୟୁ ପ୍ରାପ୍ତି କରିଥାଏ । ଆତ୍ମା ବିଷୟରେ କିଛି ଲୋକ ଆଦୌ କିଛି କଥା ଶୁଣିନାହାନ୍ତି ଏବଂ ଶୁଣିବା ପରେ ମଧ୍ୟ ବହୁତ ଲୋକ ଆତ୍ମା ବିଷୟରେ କିଛି ଜାଣିପାରନ୍ତି ନାହିଁ । କେବଳ ବିରଳ ଲୋକମାନେ ହିଁ ଆତ୍ମାକୁ ଚିହ୍ନିବାରେ ସଫଳ ହୋଇଥାନ୍ତି ।

ସେହିପରି କଠୋପନିଷଦ୍‌ର ଦ୍ୱିତୀୟ ଅଧ୍ୟାୟରେ କୁହାଯାଇଛି ଯେ ପରମାତ୍ମା ହେଉଛନ୍ତି ଏହି ଜୀବନର ଅତୀତ-ଭବିଷ୍ୟତର ଶାସକ । ତାଙ୍କୁ ପାଖରେ ପାଉଥିବା ମନୁଷ୍ୟ ତାଙ୍କୁ ନିନ୍ଦା ନକରି ତାଙ୍କୁ ପ୍ରଶଂସା କରିବା ସହିତ ତାଙ୍କ ଭଳି ହୋଇଯାଇଥାଏ ।

ପରମଧାମରେ ରହୁଥିବା ପରମାତ୍ମା ଏ ଜୀବଜଗତ ଏବଂ ମହାକାଶରେ ପରିବ୍ୟାପ୍ତ । ସେ ଆହୂତି ଅର୍ଥାତ୍ ମୃତ୍ୟୁଦାତା ମଧ୍ୟ। ଅତିଥି ଏବଂ ଦେବତାଙ୍କ ଠାରେ ମଧ୍ୟ ପରମାତ୍ମାଙ୍କ ଅଂଶ ରହିଛି । ମନ ଏବଂ ଇନ୍ଦ୍ରିୟକୁ ନିୟନ୍ତ୍ରଣ କରିପାରୁଥିବା ଲୋକର ବୁଦ୍ଧି ସ୍ଥିର ହୋଇଯାଏ ଏହି ଅବସ୍ଥାକୁ ପରମଗତି କୁହାଯାଏ। ଇନ୍ଦ୍ରିୟ ସ୍ଥିରତା ହିଁ ଯୋଗ ।

# ଡା. ଦେବେନ୍ଦ୍ର ପ୍ରଧାନ ପ୍ରେରଣାର ଉତ୍ସ

**ଭୁବନେଶ୍ୱର,୩୦।୩ (ମହାଭାରତ):** ପ୍ରବୀଣ ରାଜନେତା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସ୍ୱର୍ଗତଃ ଡା. ଦେବେନ୍ଦ୍ର ପ୍ରଧାନ ଭବିଷ୍ୟତ ପୀଢ଼ି ପାଇଁ ସର୍ବଦା ପ୍ରେରଣାର ଆଲୋକବର୍ତ୍ତିକା ହୋଇ ରହିବେ ଏବଂ ଡ଼ ପ୍ରଧାନଙ୍କ ଓଡ଼ିଶା ପ୍ରତି ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଓ ଅନ୍ଧ୍ର ଏବଂ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ତଥା ଡ଼. ପ୍ରଧାନଙ୍କ ଘନିଷ୍ଠ ସହଯୋଗୀ ବିଶ୍ୱଭୂଷଣ ହରିଚନ୍ଦନ।

ଆଜି ସ୍ଥାନୀୟ ଜୟଦେବ ଭବନଠାରେ ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ସ୍ମରଣିକା 'ସିଦ୍ଧ ପୁରୁଷ'ର ଉନ୍ମୋଚନ ସମାରୋହରେ ଯୋଗ ଦେଇ ଡ଼. କମ୍ଭମପାଟି ଓ ଶ୍ରୀ ହରିଚନ୍ଦନ ତାଙ୍କ ଭାଷଣରେ ଏହା କହିଛନ୍ତି। ଏହି ଉତ୍ସବରେ ସ୍ମରଣିକା 'ସିଦ୍ଧ ପୁରୁଷ' ବରେଣ୍ୟ ରାଜନେତା ସ୍ୱର୍ଗତ ଡା. ଦେବେନ୍ଦ୍ର ପ୍ରଧାନଙ୍କର କେବଳ ଏକ ସ୍ମୃତି ନୁହେଁ, ବରଂ ଏହା ଜଣେ ଜ୍ଞାନୀ, ଦୃଢ଼ ପ୍ରତିଜ୍ଞ, କର୍ମ ଉପରେ ବିଶ୍ୱାସ କରୁଥିବା ଏବଂ ନିଃସ୍ୱାର୍ଥପର ସେବା କରୁଥିବା ତଥା ନେତୃତ୍ୱ ନେଉଥିବା ବ୍ୟକ୍ତିତ୍ୱଙ୍କ ସଫଳଯାତ୍ରାର ପ୍ରତିଲିପି । ସ୍ୱର୍ଗତଃ ପ୍ରଧାନଙ୍କର ଜୀବନ କାହାଣୀ ଆମକୁ ସମର୍ପଣ, ଦୃଢ଼ତା ଏବଂ ବୃହତ୍ତର ମଙ୍ଗଳ ପାଇଁ କାର୍ଯ୍ୟ କରିବାର ଏକ ନିରନ୍ତର ସଂକଳ୍ପ ନେବାକୁ ପ୍ରେରଣା ଦେବ। ଡା. ପ୍ରଧାନଙ୍କଠାରେ ଜଣେ ଯଥାର୍ଥ ରାଜନେତାଙ୍କ ଗୁଣ ଥିଲ।

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ କେନ୍ଦ୍ର ମନ୍ତ୍ରୀ ଭାବେ ଡା. ପ୍ରଧାନଙ୍କର ପରିବର୍ତ୍ତନକାରୀ ପଦକ୍ଷେପ ଉଲ୍ଲେଖନୀୟ ଥିଲା। ଓଡିଶା ପ୍ରତି ଡା. ପ୍ରଧାନଙ୍କର ଅବଦାନ ସୁଦୂରପ୍ରସାରୀ ଥିଲା। ରାଜ୍ୟର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ, ଉନ୍ନତି ସଂଯୋଗୀକରଣ ବ୍ୟବସ୍ଥା, ଚାଷୀମାନଙ୍କର ଉନ୍ନତି ପାଇଁ କୃଷି ସଂସ୍କାରକୁ ପ୍ରୋତ୍ସାହିତ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ବୋଲି ରାଜ୍ୟପାଳ କହିଥିଲେ। ଜଣେ ମାର୍ଗଦର୍ଶକ, ପ୍ରେରଣାର ଉତ୍ସ, ଜନ କଲ୍ୟାଣ ପାଇଁ ସମର୍ପଣ ଭାବ ପାଇଁ ଡା. ପ୍ରଧାନ ସର୍ବଦା ସ୍ମରଣୀୟ ରହିବେ ଏବଂ ତାଙ୍କର ସୁପୁତ୍ର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଠାରେ ଡା. ପ୍ରଧାନଙ୍କର ଦୃଷ୍ଟିକୋଣ ଓ ପ୍ରତିବଦ୍ଧତା ପ୍ରତିଫଳିତ ହୋଇଛି ବୋଲି ବକ୍ତା ମାନେ ମତ ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ପ୍ରବୀଣ ରାଜନେତା ବିଶ୍ୱ ଭୂଷଣ ହରିଚନ୍ଦନ ଉଦ୍‌ବୋଧନ ଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ପ୍ରଧାନଙ୍କର ଆଦର୍ଶ, ସେବା ମନୋଭାବ ଓ ଓଡ଼ିଶା ପ୍ରତି ଅବଦାନ ସଂପର୍କରେ ଆଲୋକପାତ କରିବା ସହ ତାଙ୍କ ସହ ଥିବା ସଂପର୍କର ସ୍ମୃତି ଚାରଣ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ପୂର୍ବତନ ରାଜ୍ୟସଭା ସଦସ୍ୟ ସୌମରଂଜନ ପଟ୍ଟନାୟକ ବକ୍ତବ୍ୟ ପ୍ରଦାନ କରି ଡା. ପ୍ରଧାନଙ୍କର ଅନନ୍ୟ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ, ଗୁଣାବଳୀ ଏବଂ ଓଡ଼ିଶା ତଥା ଦେଶ ପ୍ରତି ଅବଦାନ ସଂପର୍କରେ ଅବତାରଣା କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନର ପ୍ରତିଷ୍ଠାତା ତଥା ପ୍ରକାଶକ ଗଙ୍ଗାଧର ତ୍ରିପାଠୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ତାଳଚୁଆରେ ଆରୋପ୍ୟାକ ଜେଟିକୁ ଅନୁମୋଦନ

**ଭୁବନେଶ୍ୱର,୩୦।୩ (ମହାଭାରତ):** କେନ୍ଦ୍ରାପଡ଼ା ଜିଲ୍ଲାର ତାଳଚୁଆରେ ଆରୋପ୍ୟାକ୍ସ ଜେଟି ଏବଂ ଆନୁସଙ୍ଗିକ ଭିତ୍ତିଭୂମିର ବିକାଶ କାର୍ଯ୍ୟକୁ ଜାତୀୟ ବନ୍ୟପ୍ରାଣୀ ବୋର୍ଡ ଅନୁମୋଦନ କରିଛି। ସେହିପରି ସିମିଳିପାଳ ବ୍ୟାଘ୍ର ସଂରକ୍ଷଣ ବଫର ଜୋନରେ ୧୨ଟି ଟାୱାର, ହଦଗଡ ଅଭୟାରଣ୍ୟର ଗୋଟିଏ ଗାଁରେ ବିଏସ୍‌ଏନ୍‌ଏଲ ଦ୍ୱାରା ମୋବାଇଲ ଟାୱାର ପ୍ରତିଷ୍ଠା କରିବା, କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ତହସିଲ ଅନ୍ତର୍ଗତ ରେବଣାରୁ ତାଳପଡ଼ା ଅପ୍ଟିକାଲ ଫାଇବର କେବୁଲ ବିଛାଇବା ପାଇଁ ଜାତୀୟ ବନ୍ୟପ୍ରାଣୀ ବୋର୍ଡ ଅନୁମୋଦନ କରିଛି। କର୍ଲାପାଟ ଅଭୟାରଣ୍ୟ ଦେଇ ଆରଓ ଡବ୍ଲ୍ୟୁ ମଧ୍ୟରେ ଅପ୍ଟିକାଲ ଫାଇବର କେବୁଲ ବିଛାଇବା ପାଇଁ ଜାତୀୟ ବନ୍ୟପ୍ରାଣୀ ବୋର୍ଡ ଅନୁମୋଦନ କରିଛି ବୋଲି ଆଜି ଏଠାରେ ଅନୁଷ୍ଠିତ ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ସ୍ଥାୟୀ କମିଟିର ବୈଠକରେ ପ୍ରକାଶ ପାଇଛି।

ଏହି ବୈଠକରେ ବୋର୍ଡର ଅଧ୍ୟକ୍ଷ ଜଙ୍ଗଲ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଅଧ୍ୟକ୍ଷତା କରିଥିଲେ। ସେ କହିଥିଲେ ଯେ, ଜନକଲ୍ୟାଣ ଓ ବିକାଶମୂଳକ କାର୍ଯ୍ୟରେ ଜଙ୍ଗଲ ବିଭାଗ କେବେହେଲ ଅନ୍ତରାୟ ସୃଷ୍ଟି କରିବ ନାହିଁ। ଏହି ବୈଠକରେ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ବିଧାୟକ ଇରାଶିଷ ଆଚାର୍ଯ୍ୟ, ଆଦିତ୍ୟ ଚରଣ ପଣ୍ଡା, ମୁଖ୍ୟ ବନ ସଂରକ୍ଷଣ ପ୍ରକଳ୍ପ ଅଜିତ କୁମାର ପଟ୍ଟନାୟକ, ଓୟୁଏଟିର ପୂର୍ବତନ ପ୍ରଫେସର ନିରଞ୍ଜନ ସାହୁ, ପ୍ରମୁଖ ବିଭାଗୀୟ କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ।

# ପ୍ରାଥମିକ ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ



**ଭୁବନେଶ୍ୱର,୩୦।୩ (ମହାଭାରତ):** ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକ ଅଧିନ ଅଙ୍ଗାରପଡା ପଂଚାୟତ ଅନ୍ତର୍ଗତ ଆଦିବାସୀ ବହୁଳ ଗ୍ରାମ ମାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ତଥା ଜିଲ୍ଲାପାଳ ପୁରସ୍କାର ପ୍ରାପ୍ତ ପୂର୍ବତନ ସିଆରସିସି ଦେବେନ୍ଦ୍ର କୁମାର ରଥ ଙ୍କ ଅଧ୍ୟକ୍ଷତାରେ ଓ ଅରିଶଳ ସ୍କୁଲର ଶିକ୍ଷକ ଆକାଶ କୁମାର ମହାନ୍ତି ଙ୍କ ମଞ୍ଚ ସଂଯୋଜନା ରେ ଅନୁଷ୍ଠିତ ହୋଇଯାଇଛି। ୨୦୧୪ ମସିହାରୁ ବିଦ୍ୟାଳୟ ର ମାନ୍ୟତା ପାଇଥିବା ପ୍ରଥମ ରୁ ଚତୁର୍ଥ ଶ୍ରେଣୀ ବିଶିଷ୍ଟ ଏହି ସ୍କୁଲ ଟି ଏକମାତ୍ର ଅଙ୍ଗନବାଡି ଗୃହ ରେ ଦୀର୍ଘବର୍ଷ ଚାଲୁଥିବା ବେଳେ ପ୍ରଥମ ଥର ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ, ଓ ଶିକ୍ଷା ପରିଚାଳନା କମିଟି,ଗ୍ରାମ୍ୟ କମିଟି ସହଯୋଗ ରେ ଏହି ଉତ୍ସବ ଟି ମହାସମାରୋହରେ ହୋଇଥିଲା। ଛୋଟ ଛୋଟ ପିଲାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ରୁ ଆରମ୍ଭ ହୋଇଥିବା ଏହି ପୁରସ୍କାର ବିତରଣ ଉତ୍ସବରେ ଅତିଥି ରୂପେ ଜଟଣୀ ବ୍ଲକ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ଖଟେଇ,ଟାଙ୍ଗି ବ୍ଲକ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ,ଅଙ୍ଗାରପଡା ସରପଞ୍ଚ ମମତା ସାହୁ,ସମିତି ସଭ୍ୟା ସୁମିତ୍ରା ସ୍ୱାଇଁ,ଜଟଣୀ ବ୍ଲକ ଶିକ୍ଷକ ସଂଘ ସଭାପତି ଜିତ ରଞ୍ଜନ ମହାପାତ୍ର,ପିଷ୍ଟା ସଭାପତି ଅକ୍ଷୟ କୁମାର ପାଲଟାସିଂ, ମହୁଲ ହାଇସ୍କୁଲ ପୂର୍ବତନ ପ୍ରଧାନ ଶିକ୍ଷକ ଲୋକନାଥ ମିଶ୍ର,ପାଣିଓରା ସ୍କୁଲ ର ପୂର୍ବତନ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାନ୍ତି, ବର୍ତ୍ତମାନର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଜିତ କୁମାର ନାୟକ, ସାମାଜିକ କର୍ମୀ ଗୋପାଳକୃଷ୍ଣ ପ୍ରଧାନ, ୱାର୍ଡ ସଭ୍ୟା ସୁକାନ୍ତି ନାୟକ, ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟ ରେ ପ୍ରଥମ ଥର ଏଭଳି ଆୟୋଜନ କୁ ପ୍ରସଂସା କରିବା ସହିତ ଗ୍ରାମବାସୀଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ। ଛୋଟ ଛୋଟ ପିଲାମାନେ ନୃତ୍ୟ ପରିବେଷଣ କରିବା ସହିତ ବିଦ୍ୟାଳୟ ର କୃତି ଛାତ୍ରଛାତ୍ରୀ ଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ର ସ୍ମରଣୀକା ଶିଶୁ ସୃଜନିକା ଓ ପ୍ରାଚୀର ପତ୍ରିକା ଅତିଥୀଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ସହକାରୀ ଶିକ୍ଷକ ନାରାୟଣ ବେହେରା, ଶିକ୍ଷୟତ୍ରୀ କୁନି ମୁଣ୍ଡା,ବଟକୃଷ୍ଣ ପ୍ରଧାନ, ସୁରେନ୍ଦ୍ର ନାୟକ, ଚରଣ ବେହେରା, ଗ୍ରାମବାସୀ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ବର୍ଷା କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦିଆଯାଉ : କଂଗ୍ରେସ

**ଭୁବନେଶ୍ୱର,୩୦।୩ (ମହାଭାରତ):** ୩ ଦିନ ଧରି କାଳ ବୈଶାଖି ପ୍ରଭାବରେ ଅଦିନିଆ ବର୍ଷା ଓ କୁଆପଥର ମାଡ଼ରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବ୍ୟାପକ ଭାବରେ ପନିପରିବା ଡାଲି ଓ ତୈଳବୀଜ ଜାତୀୟ ଫସଲ ନଷ୍ଟ ହୋଇଛି। ଚାଷୀ ଧାର ଉଧାର କରି ଚାଷରେ ଯେଉଁ ଅର୍ଥ ବିନିଯୋଗ କରିଥିଲେ ତାହା ଏବେ ଭରଣା ହେବା ସମ୍ଭବପର ନୁହେଁ। ଅନ୍ୟପକ୍ଷରେ ସରକାର ପ୍ରଚଳିତ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ଯାହା (କୃଷି ଇନପୁଟ୍) ସହାୟତା ପ୍ରଦାନ କରିଥାନ୍ତି ତାହା ସମୁଦ୍ରକୁ ଶଙ୍ଖେ। ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ସରକାରଙ୍କ ପକ୍ଷରୁ ଜିଲ୍ଲାୱାରୀ କ୍ଷତିଗ୍ରସ୍ତ ଚାଷୀଙ୍କ ନାମ ତାଲିକା ତୁରନ୍ତ ପ୍ରକାଶ କରି ଆବଶ୍ୟକ ସହାୟତା ଦିଆଯାଉ। ଆସନ୍ତା ଅକ୍ଷୟ ତୃତୀୟା ପୂର୍ବରୁ ଆବଶ୍ୟକ ପରିମାଣର ପ୍ରାମାଣିକ ଧାନ ବିହନ ମହଜୁଦ୍ କରି ରଖିବା ପାଇଁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ କିଷାନ କଂଗ୍ରେସ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବୀ କରିଛନ୍ତି।

# ୩୧ ବିଦ୍ୟାଳୟକୁ ଜମିପଟ୍ଟା ବଣ୍ଟନ

**ଭୁବନେଶ୍ୱର,୩୦।୩ (ମହାଭାରତ):** ଭୁବନେଶ୍ୱର ଜୟଦେବ ନିର୍ବାଚନ ମଣ୍ଡଳୀ ବାଲିଅନ୍ତା ତହସିଲ ଅଧୀନ ବିଭିନ୍ନ ପଞ୍ଚାୟତର ୨୫ ଭୂମିହୀନ ପରିବାର ଏବଂ ୩୧ ଟି ବିଦ୍ୟାଳୟକୁ ପଟ୍ଟା ବଣ୍ଟନ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ସେଥିମଧ୍ୟରେ ୨୫ ଟି ପ୍ରାଥମିକ ଏବଂ ଅନ୍ୟ ୬ଗୋଟି ଉଚ୍ଚ ବିଦ୍ୟାଳୟ ରହିଛି। ଦୀର୍ଘ ବର୍ଷରୁ ଏହି ପରିବାର ଜମି ପଟ୍ଟାରୁ ବଞ୍ଚିତ ଥିଲେ ଯ ସମସ୍ତେ ସରକାରୀ ଜମିରେ ରହୁଥିଲେ ମଧ୍ୟ କାହା ନିକଟରେ ଜମିର ମାଲିକାନା ନେଇ ପଟ୍ଟା ନଥିଲା। ଜମି ପଟ୍ଟା ଖଣ୍ଡିଏ ପାଇଁ ଏହି ଭୂମିହୀନ ପରିବାର ଗୁଡ଼ିକ ଭୁବନେଶ୍ୱର ସାଂସଦଙ୍କୁ ବିଭିନ୍ନ ସମୟରେ ସାକ୍ଷାତ କରି ଗୁହାରି କରି ଆସୁଥିଲେ। ଭୁବନେଶ୍ୱର ସାଂସଦଙ୍କ ଉଦ୍ୟମ ସକାଶେ ଆଜି ସେମାନଙ୍କର ବର୍ଷ ବର୍ଷର ସ୍ୱପ୍ନକୁ ପୂରଣ ହୋଇଛି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ବାଲିଅନ୍ତା ତହସିଲଦାରଙ୍କ ଉପସ୍ଥିତିରେ ବାଲିଅନ୍ତା ତହସିଲଦାରଙ୍କ କାର୍ଯ୍ୟାଳୟରେ ଏହି ପଟ୍ଟାବଣ୍ଟନ କାର୍ଯ୍ୟ ହୋଇଯାଇଛି। ଜମି ପଟ୍ଟା ପାଇବା ପରେ



ସମସ୍ତେ ଖୁସି ପ୍ରଶ କରିଛନ୍ତି। ବହୁ ପୁରୁଣା ସ୍କୁଲ ଗୁଡିକ ନିକଟରେ ନିଜ ଜମି ପଟ୍ଟା ନଥିବାରୁ ବିଭିନ୍ନ ସରକାରୀ ଉନ୍ନତିକରଣ ଯୋଜନାରେ ଏଗୁଡିକ ସୁଫଳ ପାଇବାକୁ ବଂଚିତ ରହୁଥିଲେ। ଜମି ପଟ୍ଟା ମିଳିବା ପରେ ବାଲିଅନ୍ତା ଅଂଚଳର ଅନେକ ବୁଦ୍ଧିଜୀବୀ ଭୁବନେଶ୍ୱର ସାଂସଦଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଏହି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ବାଲିଅନ୍ତା ତହସିଲଦାର ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ନିର୍ବାଚନମଣ୍ଡଳୀ ସାଂସଦ ପ୍ରତିନିଧି ଚୌଧୁରୀ ଦ୍ୱରିକା ନାଥ ଦାଶ, ତହସିଲଦାର ବିମଳ କୁମାର ଲେଙ୍କା, ଶିକ୍ଷା ଅଧିକାରୀ ପ୍ରଜ୍ଞା ପରମିତା ଜେନା, ପ୍ରଦୀପ୍ତ ମହାନ୍ତି, ଶିବ ମଲ୍ଲିକ ଏବଂ ମଣ୍ଡଳ ସଭାପତି ବିଜୟ ମହାରଣାଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

# ହୃଦ ସମସ୍ୟା ଥିବା ନବଜାତ ଶିଶୁର ଜୀବନ ବଞ୍ଚାଇଲେ ସମ୍ ଡାକ୍ତର

**ଭୁବନେଶ୍ୱର,୩୦।୩ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଶିଶୁରୋଗ ବିଶେଷଜ୍ଞ ଖୁବ କମ୍ ଓଜନ ଥିବା ଏବଂ ଏସୋଫାଜିଆଲ୍ ଆଟ୍ରେସିଆ ସମସ୍ୟାରେ ପୀଡ଼ିତ ଥିବା ଗୋଟିଏ ନବଜାତ ଶିଶୁର ଜୀବନ ବଂଚାଇବାରେ ସଫଳ ହୋଇଛନ୍ତି। ଆର୍‌ଏଚ୍ ନେଗେଟିଭ୍ ଗର୍ଭ ସମସ୍ୟା ଥାଇ ପୂର୍ବରୁ ଗର୍ଭପାତ ହୋଇଥିବା ଜଣେ ୨୭ ବର୍ଷୀୟା



ମା'ଙ୍କ ଗର୍ଭରୁ ମାତ୍ର ୨.୧ କେଜି ଓଜନର ଶିଶୁଟି ଜନ୍ମ ନେଇଥିଲା। ତେବେ ଜନ୍ମ ସମୟରେ ଶିଶୁଟି ଏସୋଫାଜିଆଲ ଆଟ୍ରେସିଆ ସମସ୍ୟାରେ ପୀଡ଼ିତ ଥିବା ଜଣାପଡ଼ିବା ପରେ ତାକୁ ଏନ୍‌ଆଇସିୟୁରେ ଭର୍ତି କରାଯାଇଥିଲା ଏବଂ ଶିଶୁଟି ନିଃଶ୍ୱାସ ନେବାର କଷ୍ଟ ଅନୁଭବ କରୁଥିଲା ବୋଲି ନବଜାତ ଶିଶୁରୋଗ ବିଭାଗର ମୁଖ୍ୟ ଡାକ୍ତର ଦେବାଶିଷ ନନ୍ଦ କହିଛନ୍ତି। ଶିଶୁଟିର ମଧ୍ୟ କନ୍‌ଜେନିଟାଲ୍ ସିଆନୋଟିକ ହୃଦ ସମସ୍ୟା ଥିଲା ବୋଲି ଜଣାପଡ଼ି ଥିଲା।

ଅସ୍ତ୍ରୋପଚାର କରିବାର ନିଷ୍ପତି ନେବା ପୂର୍ବରୁ ଶିଶୁଟିକୁ ଆଇସିୟୁରେ ରଖାଯାଇଥିଲା। ତେବେ ଏହି ସବୁ ସମସ୍ୟା ଭିତରେ ମଧ୍ୟ ତା'ର ଅସ୍ତ୍ରୋପଚାର କରାଯାଇ ପାରିଥିଲା। ତେବେ ଏହି ସବୁ ସମସ୍ୟା ଭିତରେ ମଧ୍ୟ ତା'ର ସଫଳ ଅସ୍ତ୍ରୋପଚାର କରାଯାଇ ପାରିଥିଲା। ଅସ୍ତ୍ରୋପଚାର ପରେ ଶିଶୁଟି ଖୁବ୍ ଅସୁସ୍ଥ ହୋଇପଡ଼ିବାରୁ ତାକୁ ନବଜାତ ଶିଶୁରୋଗ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଇଥିଲା। ତେବେ ଧୀରେ ଧୀରେ ଶିଶୁଟି ସୁସ୍ଥ ହେବା ଆରମ୍ଭ କରିବା ସହ ଖାଦ୍ୟ ଗ୍ରହଣ କରିବା ଆରମ୍ଭ କରିଥିଲା। ପରେ ଶିଶୁଟିକୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଥିଲା ବୋଲି ଡାକ୍ତର ନନ୍ଦ କହିଛନ୍ତି। ଶିଶୁଟିର ଚିକିତ୍ସା ଏବଂ ଅସ୍ତ୍ରୋପଚାରରେ ଡାକ୍ତର ନନ୍ଦଙ୍କ ସମେତ ଡାକ୍ତର ଭାଗିରଥୀ ମଲ୍ଲିକ, ଡାକ୍ତର ରତନ କୁମାର ଦାସ, ଡାକ୍ତର ବିଜୟ କୁମାର, ଡାକ୍ତର ଦେବୀପ୍ରସାଦ ସାହୁ, ଡାକ୍ତର ବୀନିତ ପାଣିଗ୍ରାହୀ, ଡାକ୍ତର ପାୟଲ ପ୍ରଧାନ, ଡାକ୍ତର ଭାଗ୍ୟଶ୍ରୀ ମହାପାତ୍ର, ଡାକ୍ତର କଳ୍ପିତା ସାହୁ, ଡାକ୍ତର ସୁରେଶ ତ୍ରିପାଠୀ ଏବଂ ଡାକ୍ତର ଶିତିକଣ୍ଠ ନାୟକ ଏହି ଅସ୍ତ୍ରୋପଚାର ଏବଂ ଚିକିତ୍ସାରେ ଜଡ଼ିତ ଥିଲେ।


# କିଟ୍‌ରେ ସହଯୋଗାତ୍ମକ ଶିକ୍ଷା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୩୦।୩ (ମହାଭାରତ):** ମଧୁର ସ୍ମୃତି ନେଇ ସ୍ୱଦେଶ ଫେରିଛନ୍ତି ୱାଶିଂଟନ୍ ବିଶ୍ୱବିଦ୍ୟାଳୟ ପ୍ରତିନିଧିମଣ୍ଡଳ। ବିଦେଶୀ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶିକ୍ଷା ବିନିମୟକୁ ପ୍ରାୟତଃ ସାଂସ୍କୃତିକ, ଶିକ୍ଷା ଓ ଗବେଷଣା ସହଯୋଗ ଦୃଷ୍ଟିକୋଣରୁ ଦେଖାଯାଏ। ଏହି କ୍ରମରେ ୧୦ ଦିନିଆ ଶିକ୍ଷା ବିନିମୟ କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌କୁ ଆସିଥିବା ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲର ୧୮ ଜଣିଆ ପ୍ରତିନିଧିମଣ୍ଡଳ ଏହି କାର୍ଯ୍ୟକ୍ରମକୁ ଆଗେଇ ନେଇଛନ୍ତି। ୱାଶିଂଟନ୍ ବିଶ୍ୱବିଦ୍ୟାଳୟ ପ୍ରତିନିଧିଙ୍କ ଏକ ଗସ୍ତ ଏକ ନୂତନ ଧାରା ସୃଷ୍ଟି କରିଛି। ଏଥିରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ୧୧ଜଣ ଛାତ୍ରଛାତ୍ରୀ ୨ ପ୍ରାଧ୍ୟାପକ ଓ କିଟ୍ ମ୍ୟାନେଜମେଣ୍ଟ ସ୍କୁଲ୍‌ର ୧୧ଜଣ ଛାତ୍ରଛାତ୍ରୀ ମିଳିତ ଭାବେ କ୍ଷେତ୍ର ଅଧ୍ୟୟନ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ସେହିପରି ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ୫ଜଣ ପ୍ରାଧ୍ୟାପକ କିଟ୍ ଓ କିସ୍‌ର ବିଭିନ୍ନ ସ୍କୁଲ୍‌ରେ ଶିକ୍ଷାଦାନ ଓ ଜ୍ଞାନ ବିନିମୟ କାର୍ଯ୍ୟରେ ନିୟୋଜିତ ଥିଲେ।

ସମୃଦ୍ଧ, ବିବିଧ ଶିକ୍ଷଣ ଅଭିଜ୍ଞତା ସୃଷ୍ଟି କରିବା ପାଇଁ ବିଭିନ୍ନ ଅନୁଷ୍ଠାନରେ ବିଶେଷଜ୍ଞମାନେ ଏକତ୍ରିତ ହୋଇଥିବାରୁ ଏଭଳି ସହଯୋଗପୂର୍ଣ୍ଣ ଶିକ୍ଷାଦାନ ମଡେଲ୍ ଅନ୍ତର୍ଜାତୀୟ ଶିକ୍ଷା କାର୍ଯ୍ୟକ୍ରମରେ ଏକ ଉତ୍କୃଷ୍ଟ ଉଦାହରଣ ବୋଲି କୁହାଯାଇପାରେ। ଏଥିରେ ନିୟୋଜିତ ଥିବା ଉଭୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପ୍ରାଧ୍ୟାପକଙ୍କ ଶୈକ୍ଷିକ ତଥା ଶିକ୍ଷାର ବ୍ୟବହାରିକ ପ୍ରୟୋଗ ସାମୂହିକ ବୁଦ୍ଧିମତାର ଶକ୍ତିକୁ ପ୍ରଦର୍ଶନ କରିପାରିଛି। ସ୍ଥାନୀୟ ତଥ୍ୟର ସହଜ ପ୍ରୟୋଗ କରି ଛାତ୍ରଛାତ୍ରୀମାନେ ପ୍ରସଙ୍ଗ ଭିତ୍ତିକ ସମସ୍ୟାର ସମାଧାନ କରିବାରେ ସକ୍ଷମ ହୋଇଥିଲେ। ଏହା ସହିତ ଛାତ୍ରଛାତ୍ରୀମାନେ ସ୍ଥାନୀୟ ଅର୍ଥନୈତିକ ବାସ୍ତବତାକୁ ଅନ୍ତର୍ଜାତୀୟ ଶୈକ୍ଷିକ ଦୃଷ୍ଟିକୋଣ ସହିତ ସମନ୍ୱୟ ରକ୍ଷା କରି ସାଂସ୍କୃତିକ ଏବଂ ବଜାରର ସୂକ୍ଷ୍ମତାକୁ ବିଚାରକୁ ନେଇ ବ୍ୟବହାରିକ ସମାଧାନ କରିବାରେ ନିଜକୁ ପ୍ରସ୍ତୁତ କରିପାରିଛନ୍ତି। ଗୋଟିଏ ପଟେ କିଟ୍ ଛାତ୍ରଛାତ୍ରୀମାନେ ଅନ୍ତର୍ଜାତୀୟ ବ୍ୟବସାୟ ଢାଞ୍ଚା ବିଷୟରେ ଜ୍ଞାନ ଆହରଣ କରିଥିବା ବେଳେ ୱାଶିଂଟନ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଭାରତରେ ଉଦ୍ୟୋଗୀ ଇକୋସିଷ୍ଟମକୁ ପ୍ରତ୍ୟକ୍ଷ ଭାବରେ ଅନୁଭବ କରିଥିଲେ।

କିଟ୍ ଓ କିସ୍ ସହ ୱାଶିଂଟନ ବିଶ୍ୱବିଦ୍ୟାଳୟ-ବୋଥେଲ ପ୍ରତିନିଧିମଣ୍ଡଳର ଶୈକ୍ଷିକ ସହଯୋଗ କେବଳ ଏକ ବିନିମୟ କାର୍ଯ୍ୟକ୍ରମ ନଥିଲା, ବରଂ ଶିକ୍ଷାଦାନ, ବ୍ୟବସାୟିକ ସମସ୍ୟା ସମାଧାନ ଏବଂ ପାରସ୍ପରିକ ସାଂସ୍କୃତିକ ଶିକ୍ଷାର ସମନ୍ୱୟରେ ପ୍ରଥମ ଥର ଲାଗି ଭାରତରେ ଏଭଳି ଏକ କାର୍ଯ୍ୟକ୍ରମ ହୋଇପାରିଲା। ଉଭୟ ବିଶ୍ୱବିଦ୍ୟାଳୟର ଏହି ସଫଳ ସହଯୋଗିତା ବିଶ୍ୱର ଅନ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ଉଦାହରଣ ସୃଷ୍ଟି କରିଛି। ତେଣୁ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ବିନିମୟ କାର୍ଯ୍ୟକ୍ରମର ପାରମ୍ପରିକ ଧାରଣାରୁ ଆଗକୁ ଯାଇ ବାସ୍ତବ ବିଶ୍ୱ ସମସ୍ୟା ସମାଧାନକୁ ପ୍ରାଥମିକତା ଦିଗରେ ଶିକ୍ଷାଦାନ ମଡେଲଗୁଡ଼ିକୁ ଗ୍ରହଣ କରିବା ଉଚିତ ବୋଲି ୱାଶିଂଟନ ବିଶ୍ୱବିଦ୍ୟାଳୟ ପ୍ରତିନିଧିମାନେ ପ୍ରକାଶ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ଏହି ଅଗ୍ରଣୀ ଆଭିମୁଖ୍ୟ ଅନ୍ତର୍ଜାତୀୟ ଶିକ୍ଷାର ଭବିଷ୍ୟତ କେବଳ ସିଦ୍ଧାନ୍ତରେ ସୀମିତ ନରହି ବ୍ୟବହାରିକ ହୋଇପାରିଛି ବୋଲି ସେମାନେ ମତ ଦେଇଥିଲେ।

# ପୁସ୍ତକ 'ବାଇଶି ପାହାଚ' ସପ୍ତଦଶ ସଂସ୍କରଣ ଉନ୍ମୋଚିତ



**ଭୁବନେଶ୍ୱର,୩୦।୩ (ମହାଭାରତ):** ଡାକ୍ତର କବି ପ୍ରସାଦ ମିଶ୍ର ସ୍ମୃତି ପରିଷଦର ମାସିକ ଆଲୋଚନାଚକ୍ର ଓଡିଶା ଲେଖକ ସମବାୟ ସମିତି ପରିସରରେ ପ୍ରଭାତ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ନାଟ୍ୟକାର ବିଜୟ କୁମାତ ମହାନ୍ତି, ବକ୍ତା ଓ ଆଲୋଚକ ଭାବେ ଇଂ ଗଣେଶ ଚନ୍ଦ୍ର ପଣ୍ଡା, ଆରତି କର, ସୁକାନ୍ତ ପ୍ରଧାନ, ଦୀପ୍ତି ରଞ୍ଜନ ମହାନ୍ତି, ବିରଜା ପ୍ରସାଦ ଶତପଥି, ସିଦ୍ଧାର୍ଥ କାନୁନଗୋ ପ୍ରମୁଖ ଯୋଗଦାନ କରି ଡାକ୍ତର ମିଶ୍ରଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତ୍ୟନ୍ତ ଲୋକପ୍ରିୟ ପୁସ୍ତକ ବାଇଶି ପାହାଚର ସାପ୍ତଦଶ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଯାହାକି ଆଠୋଟି ଭାଷାରେ ଅନୁଦିତ ହୋଇ ବହୁ ଲୋକପ୍ରିୟତା ଲାଭ କରିଛି। ପ୍ରାରମ୍ଭରେ ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହ ବାଇଶି ପାହାଚ ପୁସ୍ତକ ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରି ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାଥମିକ ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ



**ଭୁବନେଶ୍ୱର,୩୦।୩ (ମହାଭାରତ):** ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକ ଅଧିନ ଅଙ୍ଗାରପଡା ପଂଚାୟତ ଅନ୍ତର୍ଗତ ଆଦିବାସୀ ବହୁଳ ଗ୍ରାମ ମାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ତଥା ଜିଲ୍ଲାପାଳ ପୁରସ୍କାର ପ୍ରାପ୍ତ ପୂର୍ବତନ ସିଆରସିସି ଦେବେନ୍ଦ୍ର କୁମାର ରଥ ଙ୍କ ଅଧ୍ୟକ୍ଷତାରେ ଓ ଅରିଶଳ ସ୍କୁଲର ଶିକ୍ଷକ ଆକାଶ କୁମାର ମହାନ୍ତି ଙ୍କ ମଞ୍ଚ ସଂଯୋଜନା ରେ ଅନୁଷ୍ଠିତ ହୋଇଯାଇଛି। ୨୦୧୪ ମସିହାରୁ ବିଦ୍ୟାଳୟ ର ମାନ୍ୟତା ପାଇଥିବା ପ୍ରଥମ ରୁ ଚତୁର୍ଥ ଶ୍ରେଣୀ ବିଶିଷ୍ଟ ଏହି ସ୍କୁଲ ଟି ଏକମାତ୍ର ଅଙ୍ଗନବାଡି ଗୃହ ରେ ଦୀର୍ଘବର୍ଷ ଚାଲୁଥିବା ବେଳେ ପ୍ରଥମ ଥର ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ, ଓ ଶିକ୍ଷା ପରିଚାଳନା କମିଟି,ଗ୍ରାମ୍ୟ କମିଟି ସହଯୋଗ ରେ ଏହି ଉତ୍ସବ ଟି ମହାସମାରୋହରେ ହୋଇଥିଲା। ଛୋଟ ଛୋଟ ପିଲାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ରୁ ଆରମ୍ଭ ହୋଇଥିବା ଏହି ପୁରସ୍କାର ବିତରଣ ଉତ୍ସବରେ ଅତିଥି ରୂପେ ଜଟଣୀ ବ୍ଲକ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ଖଟେଇ,ଟାଙ୍ଗି ବ୍ଲକ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ,ଅଙ୍ଗାରପଡା ସରପଞ୍ଚ ମମତା ସାହୁ,ସମିତି ସଭ୍ୟା ସୁମିତ୍ରା ସ୍ୱାଇଁ,ଜଟଣୀ ବ୍ଲକ ଶିକ୍ଷକ ସଂଘ ସଭାପତି ଜିତ ରଞ୍ଜନ ମହାପାତ୍ର,ପିଷ୍ଟା ସଭାପତି ଅକ୍ଷୟ କୁମାର ପାଲଟାସିଂ, ମହୁଲ ହାଇସ୍କୁଲ ପୂର୍ବତନ ପ୍ରଧାନ ଶିକ୍ଷକ ଲୋକନାଥ ମିଶ୍ର,ପାଣିଓରା ସ୍କୁଲ ର ପୂର୍ବତନ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାନ୍ତି, ବର୍ତ୍ତମାନର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଜିତ କୁମାର ନାୟକ, ସାମାଜିକ କର୍ମୀ ଗୋପାଳକୃଷ୍ଣ ପ୍ରଧାନ, ୱାର୍ଡ ସଭ୍ୟା ସୁକାନ୍ତି ନାୟକ, ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟ ରେ ପ୍ରଥମ ଥର ଏଭଳି ଆୟୋଜନ କୁ ପ୍ରସଂସା କରିବା ସହିତ ଗ୍ରାମବାସୀଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ। ଛୋଟ ଛୋଟ ପିଲାମାନେ ନୃତ୍ୟ ପରିବେଷଣ କରିବା ସହିତ ବିଦ୍ୟାଳୟ ର କୃତି ଛାତ୍ରଛାତ୍ରୀ ଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ର ସ୍ମରଣୀକା ଶିଶୁ ସୃଜନିକା ଓ ପ୍ରାଚୀର ପତ୍ରିକା ଅତିଥୀଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ସହକାରୀ ଶିକ୍ଷକ ନାରାୟଣ ବେହେରା, ଶିକ୍ଷୟତ୍ରୀ କୁନି ମୁଣ୍ଡା,ପାଚିକା କୁମାରୀ ନାୟକ, ଗ୍ରାମର ପ୍ରଣତି ନାୟକ,ଚୈତନ୍ୟ ଦେହୁରୀ, ପୂର୍ଣ୍ଣଚନ୍ଦ୍ର ବେହେରା, ବଟକୃଷ୍ଣ ପ୍ରଧାନ, ସୁରେନ୍ଦ୍ର ନାୟକ, ଚରଣ ବେହେରା, ଗ୍ରାମବାସୀ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ମଧୁବାବୁଙ୍କ ଜନ୍ମସ୍ଥାନରେ ପାଳନ ହେବ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ

**ଭୁବନେଶ୍ୱର,୩୦।୩ (ମହାଭାରତ):** ଆସନ୍ତା ଏପ୍ରିଲ ୧ ତାରିଖ ଓଡ଼ିଶା ଦିବସ ରାଜ୍ୟର ବିଭିନ୍ନ ସ୍ଥାନରେ ମହାସମାରୋହରେ ପାଳନ କରାଯିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଛି। ରାଜଧାନୀ ଭୁବନେଶ୍ୱର ଠାରୁ ଆରମ୍ଭ କରି ମଧୁବାବୁଙ୍କ ଜନ୍ମସ୍ଥାନ କଟକ ଜିଲ୍ଲାର ସତ୍ୟଭାମାପୁର ଓ ଅନ୍ୟାନ୍ୟ ଜିଲ୍ଲା ମହକୁମାରେ ଯଥାରୀତି ପାଳନ କରାଯିବ।

ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁର ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନମନ୍ତ୍ରୀ ପୃଥିରାଜ ହରିଚନ୍ଦନ, ଉଚ୍ଚଶିକ୍ଷା, ,ସାହିତ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେବେ। ସେହିପରି ଭୁବନେଶ୍ୱରରେ ବାଚସ୍ପତି ଶ୍ରୀମତି ସୁରମା ପାଢ଼ୀ, ଗଜପତିରେ ସ୍ୱାସ୍ଥ୍ୟ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଖୋର୍ଦ୍ଧାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀରେ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଦେବଗଡ଼ରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାୟକ, ନବରଙ୍ଗପୁରରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗଞ୍ଜାମରେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୁଷଣ ଜେନା, ମୟୁରଭଞ୍ଜରେ ଗୃହ ଓ ନଗର ଉନ୍ନୟନମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଅନୁଗୁଳରେ ରାଜସ୍ୱମନ୍ତ୍ରୀ ସୁରେଶ ପୁଜାରୀ, କେନ୍ଦୁଝରରେ ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ, ନୟାଗଡ଼ରେ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଯାଜପୁରରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଜଗତସିଂହପୁରରେ ଶିଳ୍ପ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ ଓ ଅନ୍ୟାନ୍ୟ ସମସ୍ତ ଜିଲ୍ଲାରେ ଜିଲ୍ଲାପାଳ ମାନେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଦିବସ ପାଳନ କରିବାକୁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଉତ୍ସର୍ଗ ଏବଂ ତ୍ୱରିତ କାର୍ଯ୍ୟ ପାଇଁ ୫ ରେଳ କର୍ମଚାରୀ ସମ୍ମାନିତ



**ଭୁବନେଶ୍ୱର,୩୦।୩ (ମହାଭାରତ):** ପୂର୍ବତଟ ରେଳପଥ ମହାପ୍ରବନ୍ଧକପରମେଶ୍ୱର ଫୁଙ୍କୱାଲ ୫ ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କର କର୍ତବ୍ୟନିଷ୍ଠା, ସତର୍କତା ଏବଂ ଡ୍ୟୁଟି ସମୟରେ ତ୍ୱରିତ କାର୍ଯ୍ୟ ପାଇଁ ସମ୍ମାନିତ କରିଥିଲେ ଯାହା ଦ୍ୱାରା ନିରାପଦ ଟ୍ରେନ୍ ପରିଚାଳନା ସୁନିଶ୍ଚିତ ହୋଇଥିଲା। ଏହି ସମ୍ବର୍ଦ୍ଧନା ସମାରୋହ ମଙ୍ଗଳବାର ପୂର୍ବତଟ ରେଳପଥ ମୁଖ୍ୟାଳୟ ଭୁବନେଶ୍ୱରର ରେଳ ସଦନ ଠାରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ, ପ୍ରମୁଖ ମୁଖ୍ୟ ସୁରକ୍ଷା ଅଧିକାରୀ ଏବଂ ଅନ୍ୟାନ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଅସାଧାରଣ ସେବା ପାଇଁ ସମ୍ମାନିତ ହୋଇଥିବା ୫ ଜଣ ରେଳ କର୍ମଚାରୀ ହେଉଛନ୍ତି - ଖୋର୍ଦ୍ଧା ରୋଡ୍ ର ବରିଷ୍ଠ ସହାୟକ ଲୋକୋ ପାଇଲଟ୍ ଚନ୍ଦ୍ରଗୀର କୁମାର ରାଉତ; ଟିଟିଲାଗଡ଼ର ବରିଷ୍ଠ ଗୁଡ଼ସ ଟ୍ରେନ ମ୍ୟାନେଜର ଉପେନ୍ଦ୍ର କୁମାର; ହରିଚନ୍ଦନପୁରର ଟ୍ରାକ୍ ମେଂଟେନର-୪ସୁରେଶ ଗାଗାରାଏ; ଗୋରଖନାଥର ମେଂଟେନର-୨ ସୁଧାଂସୁ ଶେଖର ଦାସ ଏବଂ ମାନବର (କୋରାପୁଟ)ର ଟ୍ରାକ୍ ମେଣ୍ଟେନର-୪ କିଲୋ ସୋନୁ।

ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ଏହି କର୍ମଚାରୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସତର୍କତା ଏବଂ ତ୍ୱରିତ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ ଯାହା ରେଳ ନେଟୱାର୍କର ସୁଗମ ଏବଂ ନିରାପଦ କାର୍ଯ୍ୟକାରିତା ବଜାୟ ରଖିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

# ଯୁଦ୍ଧ ବିରତି ଚୁକ୍ତି ଉଲ୍ଲଙ୍ଘନ

ଯୁଦ୍ଧ ବିରତି ଚୁକ୍ତି ଉଲ୍ଲଙ୍ଘନ ଲାଗି ସମ୍ପୂର୍ଣ୍ଣ ଭାବେ ହମାସ ଦାୟୀ। ଯେଉଁମାନେ ଇସ୍ରାଏଲର ନରସଂହାର ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି ସେମାନେ ନିଜକୁ ଧର୍ମନିରପେକ୍ଷ, ମାନବାଧି!କାର ସପକ୍ଷବାଦୀ ବୋଲି ପ୍ରମାଣିତ କରିବାକୁ ଉଦ୍ୟମ କରୁଛନ୍ତି। କିନ୍ତୁ ଯେତେବେଳେ ହମାସ ଇସ୍ରାଏଲ ସୀମାରେ ପ୍ରବେଶ କରି ଶହ ଶହ ନିରୀହ ଲୋକଙ୍କୁ ହତ୍ୟା କଲା, ଅନେକ ସାଧରଣ ବ୍ୟକ୍ତିଙ୍କୁ ଅପହରଣ କରିଥିଲା, ସେତେବେଳେ ସେମାନେ ଆଶ୍ଚର୍ଯ୍ୟଜନକ ଭାବେ ନିରବ ରହିଥିଲେ। ଗତ ଜାନୁଆରୀ ୧୯ରେ ଯେତେବେଳେ ଇସ୍ରାଏଲ ଓ ହମାସ ମଧ୍ୟରେ ଶାନ୍ତିଚୁକ୍ତି ହେଲା ସେତେବେଳେ ସମସ୍ତେ ଏହାକୁ ସ୍ୱାଗତ କରିଥିଲେ ଏବଂ ଆଶ୍ୱସ୍ତ ହୋଇଥିଲେ। ଇସ୍ରାଲରେ ମଧ୍ୟ ଖୁସିର ଲହରୀ ଖେଳିଯାଇଥିଲା। ଚୁକ୍ତି ମୁତାବକ ହସମା ଇସ୍ରାଏଲର ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରିବା କଥା। କିନ୍ତୁ ହମାସ ଏହାକୁ ଅଣଦେଖା କରିଛି। ଅଳ୍ପ କିଛି ପଣବନ୍ଦୀଙ୍କୁ ହମାସ ମୁକ୍ତ କରିଛି। ଆଉ କିଛି ପଣବନ୍ଦୀଙ୍କ ଶବ ହସ୍ତାନ୍ତର କରିଛି। କିନ୍ତୁ ଅନ୍ୟ ପଣବନ୍ଦୀଙ୍କ ସମ୍ପର୍କରେ କିଛି ସୂଚନା ନାହିଁ। ସେମାନେ ବଂଚିଛନ୍ତି କି ନାହିଁ, ଯଦି ବଂଚିଛନ୍ତି ତେବେ ସେମାନଙ୍କୁ କେବେ ମୁକ୍ତି ମିଳିବ ସେ ସମ୍ପର୍କରେ ହମାସ ନିରବ। ହମାସ କବଜାରେ ଆଉ କେହି ଜୀବିତ ଥିବା ମନେ ହେଉନାହିଁ। ତାହା ଡାକ୍ତର ଦେବେନ୍ଦ୍ର ପ୍ରଧାନବି ହମାସ ସ୍ପଷ୍ଟ କରୁନି। ତେଣୁ ହମାସ ଉପରେ ଇସ୍ରାଏଲର ଆକ୍ରମଣ ଯଥାର୍ଥ ଏବଂ ସ୍ୱାଗତଯୋଗ୍ୟ। ନିରୀହ ବ୍ୟକ୍ତି ବିଶେଷ କରି ମହିଳା ଓ ଶିଶୁଙ୍କ ପ୍ରାଣହାନୀ ନିଶ୍ଚିତ ଭାବେ ଦୁଃଖଦାୟକ। କିନ୍ତୁ ଏଥିପାଇଁ ଇସ୍ରାଏଲ ନୁହେଁ, ହମାସ ଦାୟୀ। ଏବେ ଯୁଦ୍ଧକୁ ଇସ୍ରାଏଲ ଅଧିକ ଦିନ ଗଡ଼ାଇବା ଅନୁଚିତ। ଏଥର ଲଢ଼େଇ ନିର୍ଣ୍ଣାୟକ ହେବା ଉଚିତ। ହମାସକୁ ସମ୍ପୂର୍ଣ୍ଣ ବିଲୋପ କରିବା ପର୍ଯ୍ୟନ୍ତ ଇସ୍ରାଏଲ ଶାନ୍ତିରେ ନିଶ୍ୱାସ ମାରିବା ଅନୁଚିତ। କାରଣ ହମାସ ଭଳି ଆତଙ୍କୀ ସଙ୍ଗଠନ ସମଗ୍ର ବିଶ୍ୱ, ମାନବଜାତି ପାଇଁ ବିପଦ। ଉଲ୍ଲେଖ ଯୋଗ୍ୟ ଯେ, ୨୦୨୩ ଅକ୍ଟୋବରରେ ହମାସ ଉଗ୍ରବାଦୀମାନେ ଇସ୍ରାଏଲରେ ଅନୁପ୍ରବେଶ କରି ନିରୀହ, ନିରସ୍ତ୍ର ବ୍ୟକ୍ତିଙ୍କୁ ବିନା ଦୋଷରେ ଅତି ବର୍ବରଭାବେ ହତ୍ୟା କରିଥିଲେ ଏବଂ ଅନେକଙ୍କୁ ଅପହରଣ କରି ମୁଣ୍ଡ ଜାମିନ ରଖିଥିଲେ। ହମାସର ଏହି ବର୍ବରତାକୁ ଯେତେ ନିନ୍ଦା କଲେ ମଧ୍ୟ କମ ହେବ। ଏହା ଥିଲା ଇସଲାମିକ ମୌଳବାଦର ନଗ୍ନରୂପ। ଯେଉଁ ତଥାକଥିତ ମାନବାଧିକାର ସୁରକ୍ଷା କର୍ମୀମାନେ ଇସ୍ରାଏଲର ଆକ୍ରମଣ ପାଇଁ ନିନ୍ଦା କରୁଛନ୍ତି ସେମାନଙ୍କ ଦୋମୁହାଁ ନୀତି ଅବଲମ୍ବନ କରୁଛନ୍ତି। ହମାସର ବର୍ବରତା ସେମାନଙ୍କୁ ଦେଖାଯାଉନି। ହମାସର ଆକ୍ରମଣ ପରେ ନିଜ ନାଗରିକଙ୍କ ସୁରକ୍ଷା ଏବଂ ପଣବନ୍ଦୀଙ୍କ ମୁକ୍ତି ପାଇଁ ଗାଜା ଉପରେ ଆକ୍ରମଣ ବ୍ୟତିତ ଇସ୍ରାଏଲ ନିକଟରେ ଅନ୍ୟ ପନ୍ଥା ନଥିଲା। ହମାସର ଶକ୍ତି କେନ୍ଦ୍ର କୁହାଯାଉଥିବା ଗାଜା ଷ୍ଟ୍ରିପ ଉପରେ ଇସ୍ରାଏଲର ଆଖି ବୁଜା ବୋମାମାଡ଼ ଚାଲିଲା। ପ୍ରାୟ ୨୦ ମାସ ହେବ ଚାଲିଥିବା ଏହି ଯୁଦ୍ଧରେ ଅନେକ ହମାସ ସଦସ୍ୟ ଏବଂ ଟପ ନେତାଙ୍କ ସମେତ ପ୍ରାୟ ୫୦ ହଜାର ପ୍ରାଣ ହରାଇଛନ୍ତି। ହମାସର ସର୍ବୋଚ୍ଚ ନେତା ସିନଓ୍ୱାରି ମଧ୍ୟ ଇସ୍ରାଏଲ ସେନା ଆକ୍ରମଣରେ ନିହତ ହୋଇଛି। ଶେଷରେ ହମାସ ନିଜ ପ୍ରତି ବିପଦ ବଢୁଥିବା ଆଶଙ୍କା କରି ଇସ୍ରାଏଲ ସହ ଯୁଦ୍ଧବିରତି ଲାଗି ରାଜି ହେଲା। ଏହାର ଉଦ୍ଦେଶ୍ୟ ହେଲା ଆତ୍ମରକ୍ଷା ନିମନ୍ତେ ରଣକୌଶଳ ନିର୍ଦ୍ଧାରଣ ପାଇଁ କିଛି ସମୟ ବାହାର କରିବା। ଇସ୍ରାଏଲର ଘନ ଘନ ଆକ୍ରମଣରେ ହମାସ ଅତିଷ୍ଠ ହୋଇପଡ଼ିଥିଲା।

# ବ୍ୟାଙ୍କ ରିକଭରି ବ୍ୟବସ୍ଥା ଓ ହାତ ପାହାନ୍ତାରେ ବ୍ୟାଙ୍କ

॥ ଅନୀତ୍ୟ ପ୍ରସାଦ ମହାରଣା ॥

*ଏହି ସବୁ ଜିନିଷକୁ ବିରୋଧ କରି ଲକ୍ଷ୍ମୀ ଏଣ୍ଟରପ୍ରାଇଜେସର ମାଲିକ ବ୍ୟାଙ୍କର ଉଚ୍ଚ ଅଧିକାରୀ ଚ୍ୟାୟାରମ୍ୟାନ ଓ ଚିଫ ଭିଜିଲାନ୍ସ ଅଫିସରଙ୍କୁ କମ୍ପ୍ଲେନ ଦେଲେ ଏବଂ ଲୋକପାଳଙ୍କୁ କମ୍ପ୍ଲେନ ଦେଇଛନ୍ତି ସେ ଭୁବନେଶ୍ୱରର ଜୋନାଲ ସର୍କଲ ଅଫିସ, କଟକ ସର୍କଲ ଅଫିସ, ବାଲେଶ୍ୱର ସର୍କଲ ଅଫିସ, ବ୍ରହ୍ମପୁର ସର୍କଲ ଅଫିସ ଓ ସମ୍ବଲପୁର ସର୍କଲ ଅଫିସ। ଏପରି ବହୁତ ଗୁଡ଼ିଏ ସର୍କଲ ଅଫିସ ଆମ ଓଡ଼ିଶା ରାଜ୍ୟରେ ଅଛି ଯାହାକୁ ତଦନ୍ତ କରିବା ନିହାତି ଆବଶ୍ୟକ।*

ଜାତୀୟ ଅର୍ଥନୀତିରେ ବ୍ୟାଙ୍କ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। କେବଳ ଅର୍ଥ ସଞ୍ଚୟ, ଉଠାଣ ବା ଲୋନ ଭିତରେ ନୁହେଁ ପ୍ରତିଟି ବ୍ୟକ୍ତିର ଅର୍ଥନୀତିର ଅନ୍ୟତମ ସଶକ୍ତ କ୍ଷେତ୍ର ହେଉଛି ବ୍ୟାଙ୍କ। କିନ୍ତୁ ତଥାପି ଭାରତରେ କିଛି ଏପରି ବ୍ୟାଙ୍କ ରହିଛନ୍ତି ଯେଉଁମାନେ ଅର୍ଥନୀତିକୁ ବିପର୍ଯ୍ୟୟ ମୁହାଁ କରିବା ସହ ନିଜ ଡଙ୍ଗାକୁ ନିଜେ ବୁଡ଼ାଇଥାନ୍ତି। ଭାରତୀୟ ଅର୍ଥନୀତିରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପାଇଁ ବହୁ ଗ୍ରାହକ ବିଭିନ୍ନ ପ୍ରକାର ଅସୁବିଧାର ଦିନକୁ ଦିନ ଶିକାର ହେଉଛନ୍ତି। ତେଣୁ ଏପରି କ୍ଷେତ୍ରରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଚାହୁଛନ୍ତି ୬/୯ ବ୍ୟାଙ୍କମାନେ ସଂଯୁକ୍ତ ହୁଅନ୍ତୁ ଓ ଲୋକମାନଙ୍କର ପୂର୍ବ ପରି ଉଲ୍ଲାସ ଆସ୍ଥା ବ୍ୟାଙ୍କ ଉପରେ ରହୁ। ଭାରତରେ ଅନେକ ବ୍ୟାଙ୍କ ସରକାରୀ ସହାୟତାରେ ଆଜି ବେଶ ପ୍ରତିଷ୍ଠା ଲାଭ କରିଛନ୍ତି। ଏବଂ ଭାରତୀୟ ଅର୍ଥନୀତି ଏହାଦ୍ୱାରା ଆଗକୁ ଚାହିଁଛି। ଏହା କେନ୍ଦ୍ରର ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଙ୍କ ସରକାରର ଏକ ବଡ଼ ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତରେ ଥିବା ବିଭିନ୍ନ ବ୍ୟାଙ୍କ ଭିତରୁ ଅନ୍ୟତମ ବୃହତ ରାଷ୍ଟ୍ରୀୟତା ବ୍ୟାଙ୍କ ହେଉଛି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ। ଏହାର ଗୋଟିଏ ଶାଖା ଓଡ଼ିଶାରେ ଅଛି। କିଛି ଅସାଧୁ ଅଫିସରଙ୍କ ପାଇଁ ବ୍ୟାଙ୍କ ବଦନାମ ହୋଇ ଚାଲିଛି। କିଛି ଦିନ ପୂର୍ବରୁ ପ୍ରଧାନ ମନ୍ତ୍ରୀ ଘୋଷଣା କରିଥିଲେ ଯେ କିଛି ବ୍ୟାଙ୍କ କିଛି ବ୍ୟାଙ୍କ ସହ ମିଶିବା ପାଇଁ। କିଛି ବ୍ୟାଙ୍କ ଦେବାଳିଆ ଅବସ୍ଥାରେ ଥିଲା ତା ମଧ୍ୟରୁ ଓ.ବି.ସି ବା ୟୁନାଇଟେଡ ବ୍ୟାଙ୍କ ଅଫ ଇଣ୍ଡିଆର ଅବସ୍ଥା ଏହିପରି ଥିଲା। ଏହି ଦୁଇ ବ୍ୟାଙ୍କକୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଟେକଓଭୋର କଲା। କିନ୍ତୁ ଦୁଃଖର ବିଷୟ ଏହି କି ଯେ ସେ ଯେଉଁ ଅଫିସର ଏହି ଦୁଇ ବ୍ୟାଙ୍କକୁ ବୁଡ଼ାଇକି ଆସିଥିଲେ ଏମାନେ ଶପଥ ନେଇଛନ୍ତି କି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କକୁ ମଧ ବୁଡାଇବେ। ଉଦାହରଣ ସ୍ୱରୂପ ଓଡ଼ିଶା ରାଜ୍ୟରେ ଏକ ମୁଖ୍ୟ କାର୍ଯ୍ୟାଳୟ ଜାଗମରାରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ରେଜିଓନାଲ ଅଫିସ ଅବସ୍ଥିତ। ତା ଭିତରେ ସର୍କଲ ଶାସ୍ତ୍ର ଡିଭିଜନର ଜଣେ ବହୁ ନାମିଦାମୀ ସୁନାମଧନ୍ୟ ଅଫିସର ପ୍ରଶାନ୍ତ କୁମାର ଶ୍ରୀଚନ୍ଦନ। ସେ ଶପଥ ନେଇଛନ୍ତି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କକୁ ବୁଡାଇବା ପାଇଁ। ଏହି ଅଫିସରଙ୍କ ନାମରେ ଚୌଦ୍ୱାର ଥାନାରେ ଠକାମି ମାମଲା ରହିଛି। ଚାରିଶହକୋଡିଏ କେଶ ମନୋରଞ୍ଜନ ସିଂ ନାମକ ଏକ ବ୍ୟକ୍ତି କରିଥିଲେ। ମିଶ୍ରବାବୁ ଏବଂ ଶ୍ରୀଚନ୍ଦନ ବାବୁ ତାଙ୍କୁ ବହୁତ ଭଲ ଭଲ କଥା କହି ଠକି ଦେଇଥିଲେ।

ବ୍ୟାଙ୍କ ରିକଭରି ବ୍ୟବସ୍ଥା ଅନେକ କ୍ଷେତ୍ରରେ ଏପରି ଗୁରୁତର ଭୁଲ ଭଟକା ଭିତରେ ହେଉଛି ଯେ ଲୋକମାନେ ସର୍ବସ୍ୱାନ୍ତ ହେଇଯାଉଛନ୍ତି। ଅନେକ ଲୋକଙ୍କର ଘର ଦ୍ୱାରା ଉଚ୍ଛନ୍ନ ହୋଇ କିଏ ପାଗଳ ହୋଇଯାଉଛି ତ କିଏ ଆତ୍ମହତ୍ୟା କରିଦେଉଛି। ଶ୍ରୀଚନ୍ଦନ ବାବୁ ଓ ମିଶ୍ର ବାବୁଙ୍କ ପରି କରିତକର୍ମା ଯେଉଁଠି ଥିବେ ସେଠାରେ ବ୍ୟାଙ୍କ ଲୋନ ନେଇଥିବା ଗ୍ରାହକମାନଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଶ୍ରୀଚନ୍ଦନ ବାବୁ ଏହିପରି ବିଭିନ୍ନ ପ୍ରକାର କମ୍ପାନୀ ସହ ଜଡ଼ିତ ହୋଇ ଅଛନ୍ତି। ଯଥା ପ୍ରମାଣସ୍ୱରୂପ ରାୟପୁରର ଶ୍ରୀରାମ ଏଣ୍ଟରପ୍ରାଇଜେସର ମାଲିକ ନାମ ରାଲ୍ଲାଆନି ବାବୁ ଓ ଶ୍ରୀଚନ୍ଦନ ବାବୁ ମିଶିକରି ବିହାରରେ ଥିବାଏକ ମଦ କମ୍ପାନୀର ଏଗାର କୋଟି ଟଙ୍କାକୁ ଦଶ ଲକ୍ଷ ଟଙ୍କା ଟଙ୍କାରେ ବିକ୍ରି କରିଦେଇଛନ୍ତି। ଏମିତି ବହୁତ ଗ୍ରାହକ ଅଛନ୍ତି ଯାହାଙ୍କ ସହିତ ଶ୍ରୀଚନ୍ଦନ ବାବୁ ଏହିପରି ଠକାମି କାମ ସବୁ କରିଛନ୍ତି। ସମସ୍ତେ ସବୁ ଜାଣିଲା ପରେ ମଧ କେହି ମୁହଁ ଖୋଲି ପାରୁନାହାଁନ୍ତି। କାରଣ ସେ ତାଙ୍କ ଅଫିସରେ ଏକ ନୂଆ କୋଠାଘରକୁ ଡାକି ଧମକ ଦିଅନ୍ତି ଓ କୁହନ୍ତି ଦେଖୁଛନ୍ତି ଆମର ଏ କୋଠାଘରେ କାମ କରୁଥିବା କେତେ କର୍ମଚାରୀ ସବୁ ଅଛନ୍ତି। ଆମ୍ଭେମାନେ ସମସ୍ତେ ମିଶିକରି ତୁମ ନାମରେ ମିଥ୍ୟା ଅଭିଯୋଗ କହିବୁ। ଆଉ ଏକ କଥା ମଧ ରହିଛି ଯାଜପୁର ରୋଡ଼ର ଲକ୍ଷ୍ମୀ ଏଣ୍ଟରପ୍ରାଇଜେସ କମ୍ପାନୀର ମାଲିକଙ୍କୁ ଡାକି କି ତାଙ୍କ ଅଫିସରେ ପନ୍ଦର ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏବଂ ଧମକ ମଧ ଦେଇଥିଲେ ଯେ ତମେ ଯଦି ଆମକୁ ଲାଞ୍ଚ ନ ଦେବ ତାହାହେଲେ ମୁଁ ପଟ୍ଟନାୟକ ଏବଂ ସାଲୁଜାକୁ କହିକି ବାଲେଶ୍ୱର ଥାନାରେ ତମ ନାମରେ ଏଫଆଇଆର ରଦ୍ଧ କରିବି ଏବଂ ତମ ସମ୍ପତ୍ତିକୁ ଓ.ଟି.ଏସ ନକରି କମ ଦାମରେ ବିକ୍ରି କରିଦେବି। ସେହିପରି ଭୁବନେଶ୍ୱର ସର୍କଲ ଅଫିସରେ ଗ୍ରାହକମାନେ ଗଲାବେଳକୁ ଓ.ଟି.ଏସ୍. ପାଇଁ ସେତେବେଳେ ବ୍ୟାଙ୍କ କହୁଛି ଯେ ତୁମ କବଲା ପୋଡି ଯାଇଛି, ହଜିଯାଇଛି, ଏଭଳି ବିଭିନ୍ନ ପ୍ରକାର ବାହାନା କରୁଛନ୍ତି। ଏମିତି କହି ବ୍ୟାଙ୍କ ଗ୍ରାହକ ମାନଙ୍କୁ ଧମକାଉଛନ୍ତି ଓ ଏପରି କରି ଫେରାଇ ଦେଉଛନ୍ତି।

ଏହି ସବୁ ଜିନିଷକୁ ବିରୋଧ କରି ଲକ୍ଷ୍ମୀ ଏଣ୍ଟରପ୍ରାଇଜେସର ମାଲିକ ବ୍ୟାଙ୍କର ଉଚ୍ଚ ଅଧିକାରୀ ଚ୍ୟାୟାରମ୍ୟାନ ଓ ଚିଫ ଭିଜିଲାନ୍ସ ଅଫିସରଙ୍କୁ କମ୍ପ୍ଲେନ ଦେଲେ ଏବଂ ଲୋକପାଳଙ୍କୁ କମ୍ପ୍ଲେନ ଦେଇଛନ୍ତି ସେ ଭୁବନେଶ୍ୱରର ଜୋନାଲ ସର୍କଲ ଅଫିସ, କଟକ ସର୍କଲ ଅଫିସ, ବାଲେଶ୍ୱର ସର୍କଲ ଅଫିସ, ବ୍ରହ୍ମପୁର ସର୍କଲ ଅଫିସ ଓ ସମ୍ବଲପୁର ସର୍କଲ ଅଫିସ। ଏପରି ବହୁତ ଗୁଡ଼ିଏ ସର୍କଲ ଅଫିସ ଆମ ଓଡ଼ିଶା ରାଜ୍ୟରେ ଅଛି ଯାହାକୁ ତଦନ୍ତ କରିବା ନିହାତି ଆବଶ୍ୟକ। ଏନପିଏର ଆକାରର ଗ୍ରାହକ ମାନଙ୍କୁ କେଉଁ ପ୍ରକାର ବ୍ୟବହାର କରୁଛନ୍ତି ଓ କେତେ ଟଙ୍କାର ସ୍କାମ କରୁଛନ୍ତି ତାହା ବ୍ୟାଙ୍କ ଅଫିସରମାନେ ଜଣାଇ ପାରୁନାହାଁନ୍ତି। ଶ୍ରୀଚନ୍ଦନ ବାବୁଙ୍କର ଆଉ ଗୋଟିଏ କଥାଅଛି। ଭୁବନେଶ୍ୱର ବିଜେପି ନଗରର ଇଲେକ୍ଟ୍ରିକ ଷ୍ଟେସନ ପାଖରେ ୨୦ ହଜାର ସ୍କୋୟାରଫୁଟ ଜାଗାରେ କିଛି ଗରିବ ଆଦିବାସୀ ଲୋକ ବାସ କରୁଥିଲେ। ଶ୍ରୀଚନ୍ଦନ ବାବୁ ବ୍ୟାଙ୍କର କିଛି ଗାଇଡ଼ ଲାଇନ ନ ମାନି ତାଙ୍କ ମନ ଇଛା କାମ କରୁଛନ୍ତି। ଗରିବ, ଖଟିଖିଆ ନିରୀହ ଲୋକମାନଙ୍କୁ ହଇରାଣ କରି ସେ ଜାଗାକୁ କମ ଦାମରେ ବିକ୍ରି କରୁଛନ୍ତି। ନିଜ ସ୍ୱାର୍ଥକୁ ପଛଘୁଞ୍ଚା ନଦେଇ ଓଟିସ ନକଲେ ଧମକ ଦେଉଛନ୍ତି। ଆମ ହାତରେ କୋର୍ଟ, ସିବିଆଇ ଓ ଓଇଓଡବ୍ଲ୍ୟୁର ଧମକ ଦେଉଛନ୍ତି। ଶ୍ରୀଚନ୍ଦନ ବାବୁ କୁହନ୍ତି ଯେ ଆପଣମାନେ ଯଦି ହାଇକୋର୍ଟକୁ ଯିବେ ତାହାହେଲେ କୋର୍ଟ ଆପଣ ମାନଙ୍କୁ ରହିତାଦେଶ ଦେବନାହିଁ। ସେମାନେ ସବୁବେଳେ ବ୍ୟାଙ୍କ ସମର୍ଥନରେ ରାୟ ଦେବେ। ଆପଣମାନେ ଯଦି ଡିଆର ପର୍ଯ୍ୟନ୍ତ ବି ଯିବେ ସେ ବି ବ୍ୟାଙ୍କର ସପକ୍ଷରେ ଯିବେ। ଆପଣମାନେ ଯେତେ ଚେଷ୍ଟା କଲେ ମଧ ଆପଣ ମାନଙ୍କୁ କେବେ କୋର୍ଟ ସମର୍ଥନ ଦେବନାହିଁ କିମ୍ବା କୌଣସି ରିଲିଫ ମଧ ଦେବେନାହିଁ। ଆପଣମାନେ ବୁଲି ବୁଲି ଆମ ପାଖକୁ ହିଁ ଆସିବେ। ଆମେ ତୁମ ନାମରେ ଓଲଟି ଏତଲା ଦେବୁ। ଏହି ପରି ଭାବରେ ବ୍ୟାଙ୍କର କିଛି ଅସାଧୁ ଅଫିସରମାନେ ନିଜ ସ୍ୱାର୍ଥପାଇଁ ବ୍ୟାଙ୍କର ନାମକୁ ବଦନାମ କରୁଛନ୍ତି ଏବଂ ଏହା ସହ ଗ୍ରାହକ ମାନଙ୍କର ବ୍ୟାଙ୍କ ପ୍ରତି ଥିବା ଆଶା ଭରଷାକୁ ମଧ ଭାଙ୍ଗୁଛନ୍ତି। ନିଜ ନିଜ ଭିତରେ ସେମାନେ ଅର୍ଥନୀତିର ରୀତିମତ ବେପାର ଚଳାଉଛନ୍ତି।

ଏଣୁ ଆମ୍ଭେମାନେ ସମସ୍ତ ବ୍ୟାଙ୍କ ଗ୍ରାହକମାନେ ବିନମ୍ର ସହ ଅନୁରୋଧ କରୁଛୁ କି ଏପରି ବ୍ୟାଙ୍କର କିଛି ବଡ଼ ବଡ଼ ଅଫିସରମାନେ ଏହାର ଗୋଟିଏ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆମକୁ ନ୍ୟାୟ ପ୍ରଦାନ କରାଯାଉ ଓ ସେମାନଙ୍କୁ ବାଦ ଦିଆଯାଉ। ସେମାନଙ୍କର ଏପରି ବିଚାର ଅଭ୍ୟାସ ରହିଲେ ଓ.ବି.ସି. ୟୁନାଇଟେଡ ବ୍ୟାଙ୍କ ପରି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କକୁ ମଧ ବୁଡ଼ାଇ ଦେବ। ଗରୀବ ଓ ହିତାଧିକାରୀ ମାନଙ୍କୁ ନ୍ୟାୟ ଦିଅନ୍ତୁ ନଚେତ ଆମେ ରାଜ ରାସ୍ତାକୁ ଓହ୍ଲାଇବାକୁ ବଧ ହେବୁ। ଭାରତୀୟ ଅର୍ଥନୀତିରେ ଜନତାଙ୍କ ସହଯୋଗୀତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଏସବୁ କ୍ଷେତ୍ରରେ ବ୍ୟାଙ୍କ ମାନଙ୍କ ସହଯୋଗ ମଧ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ଏକ ଦେଶର ଏବଂ ଏକ ଜାତିର ଉନ୍ନତିରେ ବ୍ୟାଙ୍କର ସହଯୋଗ ପୃଷ୍ଠପୋଷକତା ଓ ପ୍ରୋତ୍ସାହନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏ କ୍ଷେତ୍ରରେ ସରକାର ନିଜେ ତଦନ୍ତକାରୀ ଲୋକାମାନଙ୍କର ବ୍ୟାଙ୍କ ପାଖରେ ଯେଉଁ ବିଶ୍ୱସନୀୟତା ଥିଲା ତାହା ବଜାୟୀ ରଖନ୍ତୁ। କାରଣ କୌଣସି ଏକ ବ୍ୟାଙ୍କ ପାଇଁ ଜାତୀୟ ଅର୍ଥନୀତି ବିପଦଗ୍ରସ୍ତ ନହୁଏ ଏ କ୍ଷେତ୍ରରେ ସରକାର କାଳ ବିଳମ୍ବ ନକରି ଲୋକମାନଙ୍କର ଅର୍ଥନୀତିକୁ ଆହୁରି ଦୃଢ଼ ମଜଭୁତ କରିବା ପାଇଁ ଉଦ୍ୟମ ଜାରି ରଖନ୍ତୁ।

ଅର୍ଥନୈତିକ ବ୍ୟାପାର ବିଶେଷଜ୍ଞ, ୪୧୨, ସେକ୍ଟର-୬, ସିଡିଏ, କଟକ

# କ୍ରୀଡ଼ା ପ୍ରତି ଆବେଗ, ନୀରଜ ଓ ଆଥଲେଟିକ୍ସ

॥ ବିପିନ ବିହାରୀ ରାଉତ ॥

ଆଜି କ୍ରୀଡ଼ା ଦିବସ ଏହି ମାତ୍ର ସମସ୍ତ ଭାରତୀୟଙ୍କ ପାଇଁ ଖୁସିର ଆବେଗ ସୃଷ୍ଟି କରିଛନ୍ତି ନୀରଜ। ସେ ସ୍ୱର୍ଣ୍ଣ ପଦକ ପାଇବା ତାଙ୍କ ସ୍ୱର୍ଣ୍ଣିମ ଯାତ୍ରା ହିଁ ଭାରତୀୟ ଆଥଲେଟିକ୍ସକୁ ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ଦେଇଛି। ବିଗତ ଶତାବ୍ଦୀର ସର୍ବକାଳୀନ ଶ୍ରେଷ୍ଠ କ୍ରୀଡ଼ାବିତ୍ ହକି ଯାଦୁଗର ଓ ଭାରତକୁ ବିଶ୍ୱ ହକିର ସର୍ବୋଚ୍ଚ ସୋପାନରେ ପହଞ୍ଚାଇଥିବା ଧ୍ୟାନଚାନ୍ଦଙ୍କର ଅତୁଳନୀୟ ଅବଦାନକୁ ମନେପକାଇ ଅଗଷ୍ଟ ୨୯ ତାରିଖକୁ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳନ କରାଯାଉଛି । ଧ୍ୟାନଚାନ୍ଦ ଜଣେ ମହାନ ଜାତୀୟବାଦୀ ଓ ଜାତିକ୍ରମରେ ଉଦ୍‌ବୃଦ୍ଧ ବ୍ୟକ୍ତିଥିଲେ । ଜାତୀୟତା ଭାବପ୍ରସାରଣରେ କ୍ରୀଡ଼ା ହେଉଛି ସର୍ବୋତ୍କୃଷ୍ଟ ମାଧ୍ୟମ ଏହାକୁ ମର୍ମେ ମର୍ମେ ଅନୁଭବ କରି ହକି ଖେଳକୁ ଜାତୀୟ ଭାବନା ଓ ପ୍ରାଣର ସ୍ପନ୍ଦନରୂପେ ଉଦ୍‌ଜୀବିତ କରିପାରିଥିଲେ । ଧ୍ୟାନଚାନ୍ଦଙ୍କ ଦେଶାତ୍ମବୋଧର ଉଦାହରଣ ଦେବାର ଉଦ୍ଦେଶ୍ୟ ହେଉଛି ଯେ, କ୍ରୀଡ଼ା ହେଉଛି ଏପରି ଏକ ବୈଭବ ଓ ପ୍ରବୃତ୍ତି, ଯାହା ପ୍ରତ୍ୟେକ ବ୍ୟକ୍ତିକୁ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବାକୁ ଅନୁପ୍ରାଣିତ କରିବା ସହ ବିଭିନ୍ନ ଦେଶ ଓ ବିଭିନ୍ନ ଜାତି ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବନାର ଏକ ସଂଯୋଗ ସେତୁ ଭାବେ କାର୍ଯ୍ୟ କରେ । କୁହାଯାଏ ଯୁଦ୍ଧ ବ୍ୟତୀତ ଆଉ କୌଣସି କଥା ସମଗ୍ର ଦେଶକୁ ଏକତାର ଡୋରୀରେ ବାନ୍ଧି ପାରୁଥାଏ ତାହା ହେଉଛି କ୍ରୀଡ଼ା । ସମ୍ଭବତଃ ସେଥିପାଇଁ ଅଲମ୍ପିକ୍ କ୍ରୀଡ଼ାକୁ ବିନା ଅସ୍ତ୍ରରେ ବିଶ୍ୱଯୁଦ୍ଧର ଆଖ୍ୟା ଦିଆଯାଏ । କ୍ରୀଡ଼ା ମାଧ୍ୟମରେ ଯୁବଶକ୍ତି ନିଜ ଶକ୍ତି ଓ ସାମର୍ଥ୍ୟକୁ ସତ୍‌ମାର୍ଗରେ ଉପଯୋଗ କରିବା ସହ ଭବିଷ୍ୟତର ସୁସ୍ଥ ଜୀବନ ପାଇଁ ମୂଳଦୁଆ ପକାଇଥାଏ । ଜଣେ ଉନ୍ନତ କ୍ରୀଡ଼ାବିତ୍ ଗଢ଼ିବା ପାଇଁ ପିଲାବେଳୁ ଭିତ୍ତିଭୂମି ପଡ଼ିଥାଏ । କିନ୍ତୁ କ୍ଷୋଭର ପ୍ରସଙ୍ଗ ସରକାରୀସ୍ତରରେ କ୍ରୀଡ଼ାକୁ ସେପରି ପ୍ରୋତ୍ସାହନ ମିଳିନଥାଏ । ଦେଖାଯାଉଛି ପ୍ରତି ବର୍ଷ କ୍ରୀଡ଼ା ବଜେଟ୍‌ରେ ସେପରି କିଛି ପ୍ରୋତ୍ସାହନ ମୂଳକ କିମ୍ବା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଯୋଜନା ରହିନଥାଏ ।

ପରିତାପର ବିଷୟ ଆମ ଦେଶରେ ଆଜି ପର୍ଯ୍ୟନ୍ତ କ୍ରୀଡ଼ାକୁ ଆମେ ଜୀବନର ମୁଖ୍ୟ ସ୍ରୋତରେ ସାମିଲ କରିପାରୁନାହୁଁ । ସ୍ୱାଧୀନତା ପୂର୍ବରୁ ଏବଂ ପରବର୍ତ୍ତୀ ଷାଠିଏ ଦଶକ ପର୍ଯ୍ୟନ୍ତ ହକି କ୍ରୀଡ଼ାରେ ଅପ୍ରତିଦ୍ୱନ୍ଦ୍ୱୀ ବିଶ୍ୱ ଚମ୍ପିଆନ ଥିଲୁ । ଏବଂ ଏହି ସଫଳତାର ଆଦ୍ୟଜନକ ଥିଲେ ସ୍ୱର୍ଗତଃ ଧ୍ୟାନଚାନ୍ଦ । କୁହାଯାଏ ଯେ, ତତ୍‌କାଳୀନ ଜର୍ମାନର ଏକଛତ୍ରବାଦୀ ଶାସକ ଧ୍ୟାନଚାନ୍ଦଙ୍କର ଅପୂର୍ବ କ୍ରୀଡ଼ା କୌଶଳରେ ଆତ୍ମହରା ହୋଇ ତାଙ୍କୁ ଜର୍ମାନ ସେନାର ସର୍ବୋଚ୍ଚ ସମ୍ମାନରେ ସମ୍ବର୍ଦ୍ଧିତ କରିବା ପାଇଁ ଇଚ୍ଛାବ୍ୟକ୍ତ କରିଥିଲେ । କିନ୍ତୁ ଦେଶପ୍ରେମୀ ଧ୍ୟାନଚାନ୍ଦ ବିନମ୍ରତାର ସହ ଏହି ଉପହାରକୁ ପ୍ରତ୍ୟାଖାନ କରିଥିଲେ । ସଂଯୋଗ ବଶତଃ ସେହିଦିନଟି ଥିଲା ୧.୦୯.୧୯୩୬ ମସିହାର ଅଗଷ୍ଟ ପନ୍ଦର ତାରିଖ ଓ ତାହାର ଏଗାର ବର୍ଷ ପରେ ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖରେ ଭାରତ ବ୍ରିଟିଶ ଶାସନରୁ ମୁକ୍ତିଲାଭ କରି ସ୍ୱାଧୀନ ରାଷ୍ଟ୍ର ଭାବରେ ପରିଚିତ ହୋଇଥିଲା । ସଂପ୍ରତି ଲୋକପ୍ରିୟ କ୍ରିକେଟ ଖେଳପରି ହକି କିମ୍ବା ଫୁଟ୍‌ବଲ ଖେଳ ସେପରି ଲୋକପ୍ରିୟତା ପାଇପାରୁନାହିଁ । କାରଣ କ୍ରିକେଟ ଖେଳପରି ପ୍ରାଚୀନ ହକି ଖେଳକୁ ସେପରି ପ୍ରୋତ୍ସାହନ ଓ ସମର୍ଥନ ମିଳୁନାହିଁ । ସଂପ୍ରତି ଅଲମ୍ପିକ କ୍ରୀଡ଼ା ଏକ ମହାନ ଗଣଆନ୍ଦୋଳନରେ ପରିଣତ । ପ୍ରତ୍ୟେକ କ୍ରୀଡ଼ାବିତ୍‌ର ମନର କେଉଁ ଏକ ନିବୃତ୍ତ କୋଣରେ ଅଲମ୍ପିକ୍‌ରେ ଏହି ପଦକ ହାସଲ କରିବାର ଦୁର୍ବାର ଆକାଂକ୍ଷା ଲୁଚି ରହିଥାଏ । ଏହାର କାରଣ ହେଉଛି ଏହା ସମଗ୍ର ଜାତି ସମକ୍ଷରେ ତା'ର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ । ଏହାର ବଳିଷ୍ଠ ଉଦାହରଣ ହେଉଛି ୧୯୬୦ରେ ରୋମ୍ ଅଲମ୍ପିକ ପୁରୁଷ ହକି ଫାଇନାଲରେ ଭାରତ ତାର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ଥାନ ଠାରୁ ପରାସ୍ତ ହୋଇଥିଲା । ସମଗ୍ର ପାକିସ୍ଥାନ ଉତ୍ସବମୁଖର ହୋଇପଡ଼ିଥିବାବେଳେ ଭାରତୀୟଙ୍କ ମନରେ ପରାଜୟର ଗ୍ଲାନି ଛାଇ ହୋଇଥିଲା । ପରବର୍ତ୍ତୀ ସମୟରେ ୧୯୬୪ରେ ଟୋକିଓ ଅଲମ୍ପିକରେ ଏହାର ପ୍ରତିଶୋଧ ନେଇ ଭାରତ ଚମ୍ପିଆନ ଆଖ୍ୟା ଅର୍ଜନ କରିଥିଲା । ସେହିପରି ସୋଭିଏତ୍ ଗଣରାଜ୍ୟର ପତନ ହେବାପରେ ଚାଇନା ନିଜକୁ ଆମେରିକାର ସଫଳ ପ୍ରତିଦ୍ୱନ୍ଦ୍ୱୀଭାବେ ଗଢ଼ି ତୋଳିବାକୁ ପ୍ରୟାସ ଜାରି ରଖିଛି । କ୍ରୀଡ଼ାର ସଫଳତା ଏବଂ କ୍ରୀଡ଼ା ବିକାଶ ପାଇଁ ଯାହା ସବୁଠାରୁ ଅଧିକ ପ୍ରୟୋଜନୀୟ ତାହା ହେଉଛି ଏକ ସ୍ୱଚ୍ଛ ଓ ସଂସ୍କୃତି ସମ୍ପନ୍ନ କ୍ରୀଡ଼ା ସଂସ୍କୃତିର ଅଭ୍ୟୁଦୟ । ଯାହାଦ୍ୱାରାକି କ୍ରୀଡ଼ା ଆମ ଜୀବନଧାରାରେ ମୁଖ୍ୟସ୍ରୋତରେ ସାମିଲ ହୋଇପାରିବ ଯାହାଦ୍ୱାରା ଭାରତ ବିଶ୍ୱସ୍ତରୀୟ କ୍ରୀଡ଼ାବିତ୍ ସୃଷ୍ଟି କରିବାରେ ସମର୍ଥ ହୋଇପାରିବ । କଟକ ସିଡିଏ ସେକ୍ଟର-ଆଠସ୍ଥିତ ନାଳନ୍ଦା ପବ୍ଲିକ ସ୍କୁଲ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ଅନୁଷ୍ଠିତ ହୋଇଯାଇଛି। ସୂଚନାଥାଉକି ଭାରତୀୟ ହକିର କିମ୍ବଦନ୍ତୀ ପୁରୁଷ ମେଜର ଧ୍ୟାନଚାନ୍ଦ ସିଂହଙ୍କ ତାଙ୍କର ପବିତ୍ର ଜନ୍ମ ତିଥିକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି। କାର୍ଯ୍ୟକ୍ରମରେ ସାହିତ୍ୟିକ, କବୟିତ୍ରୀ ତଥା ନାଳନ୍ଦା ପବ୍ଲିକ ସ୍କୁଲର ଅଧକ୍ଷା ସୁଶ୍ରୀ ଯଶସ୍ୱିନୀ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଆମ ଦୈନନ୍ଦିନ ଜୀବନରେ କ୍ରୀଡ଼ା ଓ ବିଭିନ୍ନ ଶାରୀରିକ କାର୍ଯ୍ୟକଳାପର ଗୁରୁତ୍ୱପୂର୍ଣ୍ଣ ଭୂମିକା ବାବଦରେ ସଚେତନ କରାଇବା ସହ କ୍ରୀଡ଼ା ଏଭଳି ଏକ ମାଧ୍ୟମ ଯାହାଦ୍ୱାରା ବିଶେଷକରି କୋମଳମତି ଛାତ୍ରଛାତ୍ରୀଙ୍କୁ ଏକ ସୁସ୍ଥ, ଅଭିବୃଦ୍ଧିସମ୍ପନ୍ନ, ଦକ୍ଷ ସମର୍ଥ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହ ଏହା ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ ହୋଇ ବିଭିନ୍ନ କ୍ରୀଡ଼ାରେ ସାମିଲ ହେବା ଲାଗି ପ୍ରୋତ୍ସାହିତ କରୁଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷାବିତ ଓ କ୍ରୀଡ଼ାବିତମାନେ ଯୋଗ ଦେଇଥିଲେ। ସୂଚନାଥାଉକି ଏହି ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ବିଶେଷ ଭାବେ କ୍ରୀଡ଼ା ପାଇଁ ପ୍ରୋତ୍ସାହିତ କରିବା ସହ ଅନେକ ବିଦ୍ୟାର୍ଥୀ ରାଜ୍ୟ ଓ ଜାତୀୟସ୍ତରୀୟ କ୍ରୀଡ଼ା ସମୂହରେ ଯୋଗ ଦେଇ ସଫଳତା ପାଇବା ସହ କେବଳ ବିଦ୍ୟାଳୟର ନୁହେଁ ରାଜ୍ୟର ଗୌରବକୁ ଅଭିବୃଦ୍ଧି କରିଛନ୍ତି। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରାଯାଇ ସଫଳ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ତେଣୁ ଏ କ୍ଷେତ୍ରରେ ପ୍ରତ୍ୟେକ ଭାରତୀୟଙ୍କ ଏକ ଗୁରୁଦାୟିତ୍ୱ ରହିଛି ଆମର ଜାତୀୟତା, ଐକ୍ୟବଦ୍ଧତାକୁ ପ୍ରମାଣିତ କରିବାର ପ୍ରକୋଷ୍ଠ ସମୟ ପହଞ୍ଚିଛି କ୍ରୀଡ଼ାବିତ୍ ମାନଙ୍କୁ ପ୍ରୋତ୍ସାହିତ କରିବା ସହ ବଣମଲ୍ଲୀପରି ପ୍ରତିଭା ଥାଇବି ଛୋଟ ଛୋଟ କ୍ରୀଡ଼ାବିତ୍ ମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣି ସେମାନଙ୍କ ପ୍ରତିଭାକୁ ବିକଶିତ କରିବାର ଦାୟିତ୍ୱ ସମସ୍ତଙ୍କର । ଖୁସିର କଥା କିଛି ବେସରକାରୀ ଓ ସମାଜସେବୀ ସଙ୍ଗଠନ କ୍ରୀଡ଼ାବିତ୍ ମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ଏ କ୍ଷେତ୍ରରେ କ୍ରୀଡ଼ାପ୍ରତି ଶ୍ରଦ୍ଧା ଓ ଆନ୍ତରିକ ରଖିବା ସହ ଶୁଭ କଲ୍ୟାଣ କରିବା ଦାୟିତ୍ୱ ବି ସମସ୍ତଙ୍କର ।

**ଶ୍ରୀବିହାର କଲୋନୀ, କଟକ**

**ଦୂରଭାଷ : ୯୪୩୭୬୬୬୪୫୩**

# ହରିଜନ୍ମ

॥ ପ୍ରଦୀପ କୁମାର ବିଶ୍ୱାଳ ॥

ଏଣୁ ଶ୍ରୀମନ୍ଦିରରେ ଭାଦ୍ରକୃଷ୍ଣ ଅଷ୍ଟମୀ ଦିନ ଏହି ପର୍ବକୁ ଖୁବ୍ ନିଷ୍ଠାର ସହ ପାଳନ କରାଯାଏ ଓ ଜଗନ୍ନାଥ ଧର୍ମ ଓ ଜଗନ୍ନାଥସଂସ୍କୃତି ପ୍ରେମୀ ପୃଥିବୀର ଯେଉଁ କୋଣଅନୁକୋଣରେ ଥିଲେ ମଧ୍ୟ ଏହି ପର୍ବକୁ ଭକ୍ତି ଓ ନିଷ୍ଠାର ସହ ପାଳନ କରନ୍ତି । ଅଷ୍ଟମୀର ପରଦିନ ନବମୀ ତିଥିରେ ନନ୍ଦରାଜାଙ୍କ ଘରେ ଯଶୋଦାଙ୍କ ପୁତ୍ର ରୁପେ ଆର୍ବିଭୁତ ହୋଇଥିବାରୁ ଶ୍ରୀକୃଷ୍ଣଙ୍କ ଜନ୍ମଉତ୍ସବ ନନ୍ଦରାଜାଙ୍କ ଦ୍ୱାରା ଗୋପପୁରରେ ଏହି ଦିନ ଅନୁଷ୍ଠିତ ହୋଇଥିବାରୁ ଏହାକୁ ନନ୍ଦଉତ୍ସବ କୁହାଯାଏ। ଏହି ଜନ୍ମାଷ୍ଟମୀକୁ କୃଷ୍ଣାଷ୍ଟମୀ ଓ ଗୋକୁଳାଷ୍ଟମୀ ମଧ୍ୟ କୁହାଯାଏ । ଏହିଦିନ ଉପାସକମାନେ ନିର୍ଜଳା ଉପବାସ ରହି ଦିନସାରା କୃଷ୍ଣଲୀଳା ଶ୍ରବଣ, କୀର୍ତ୍ତନ ଓ ଭଜନରେ ମଗ୍ନ ରୁହନ୍ତି । ଅର୍ଦ୍ଧରାତ୍ରରେ କୃଷ୍ଣ ଜନ୍ମ ସମୟରେ କୃଷ୍ଣଙ୍କ ଫଟୋଚିତ୍ର ବା ମୁର୍ତ୍ତିକୁ ପଂଚୋପଚାରରେ ପୂଜାପୂର୍ବକ ଫଳମୂଳ ପ୍ରସାଦ ଲଗାଯାଏ । ଉପାସକମାନେ ତହିଁ ପରଦିନ ସୂର୍ଯ୍ୟୋଦୟପରେ ତିଥି କିମ୍ବା ନକ୍ଷତ୍ରର ସମାପ୍ତିପରେ ଭୋଜନ କରି ପାରଣ କରନ୍ତି।

ଏହି ପୂଜାର ଅନ୍ୟଏକ ଦିଗ ହେଉଛି ଉପବାସ । ବିଜ୍ଞାନ କହେ ଶରୀରର ୬୫ ପ୍ରତିଶତ ଶକ୍ତି ଖାଦ୍ୟ ହଜମ କରିବାରେ ଲାଗେ । ଉପବାସ ରହିବା ଦ୍ୱାରା ଏହି ଶକ୍ତି ଶରୀରର ଅନ୍ୟ କୋଷ ଓ ଅଙ୍ଗରୁ ବାହ୍ୟ ଅନିଷ୍ଟକାରୀ ରୋଗ ଜୀବାଣୁମାନଙ୍କୁ ନଷ୍ଟ କରିବାରେ ସାହାଯ୍ୟ କରେ । ଏହା ଦ୍ୱାରା ଶରୀରରୁ ଅନେକ ରୋଗ ଭଲ ହୋଇଥାଏ । ମେଦବହୁଳତା ହ୍ରାସପାଇଁ ଏହା ଅତ୍ୟନ୍ତ ଉପକାରୀ ଉପାୟ । ଉପବାସ ରହିବା ଦ୍ୱାରା ମନ ଶାନ୍ତ ଓ ଶୁଦ୍ଧ ରହିବା ସହିତ ମନରେ ଭକ୍ତିଭାବ ଜାଗ୍ରତ ହୁଏ ।

ଶ୍ରୀକୃଷ୍ଣଙ୍କର ଜୀବନଶୈଳିକୁ ଅନୁଧ୍ୟାନ କଲେ ଜଣାଯାଏ ଶତ୍ରୁ ମାମୁ କଂସଙ୍କ ବନ୍ଦୀଶାଳାରେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ବିପଦପୂର୍ଣ୍ଣ ଓ ସଂଘର୍ଷମୟ ଥିଲା । ତଥାପି ସର୍ବଦା ତାଙ୍କ ଅଧରରେ ସ୍ମିତହାସ୍ୟ ଲାଗି ରହିଥିଲା । ଯେ କୌଣସି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଅବିଚଳିତ ଭାବେ ସମସ୍ୟାର ସମାଧାନ କରିପାରୁଥିଲେ । ତାଙ୍କର ବୀରତ୍ୱ, ନିର୍ଭିକତା, ନୈତିକତା, ନମ୍ରତା, ରାଷ୍ଟ୍ରସେବା, ଯୁଦ୍ଧନୀତି, ରାଜ୍ୟ ପ୍ରତିଷ୍ଠା, ଶାସ୍ତ୍ରୋପଦେଶ ଇତ୍ୟାଦି ଅତୁଳନୀୟ ଗୁଣ ଥିଲା । ତେଣୁ ସେ ସମୟର ଥିଲେ ସବୁଠାରୁ ଦକ୍ଷ ରାଜନୀତିଜ୍ଞ, କୂଟନୀତିଜ୍ଞ ଓ ଅର୍ଥନୀତିଜ୍ଞ । ବାଲ୍ୟ ଚପଳତା ସହିତ ପିତୃମାତୃ ଭକ୍ତିକୁ ଭୁଲି ନଥିଲେ ।

ଜଣେ ପ୍ରଜାବତ୍ସଳ ରାଜା ଭାବରେ ସେ ସର୍ବତ୍ର ପୂଜା ପାଉଥିଲେ । ଏତେ ପ୍ରକାର ଜଞ୍ଜାଳ ମଧ୍ୟରେ ପରିବାର ତଥା ପତ୍ନୀମାନଙ୍କ ପ୍ରତି କର୍ତବ୍ୟରେ ଅବହେଳା କରୁ ନ ଥିଲେ । ପିତା ଭାବରେ ଅବାଧ ସନ୍ତାନମାନଙ୍କ ପ୍ରତି ଦଣ୍ଡ ବିଧାନରେ ତିଳେମାତ୍ର ହେଳା କରିନାହାନ୍ତି । ସଖାଭାବେ ସୁଦାମାଙ୍କୁ ସାହାଯ୍ୟ ଓ ପାଣ୍ଡବମାନଙ୍କୁ ମହାଭାରତ ଯୁଦ୍ଧରେ ଅକୁଣ୍ଠ ସାହାଯ୍ୟ କରିଥିଲେ । ସେ ଥିଲେ ଏକଧାରାରେ ଜଣେ ଆଦର୍ଶ ପୁତ୍ର, ପିତା, ସ୍ୱାମୀ, ସଖା ଓ ସାମ୍ରାଜ୍ଞୀ । ବାସ୍ତବରେ ସେ ଥିଲେ ସ୍ଥିତପ୍ରଜ୍ଞ । ଶ୍ରୀମଦ୍ ଭାଗବତ୍ ଗୀତା ତାଙ୍କର ସର୍ବଶ୍ରେଷ୍ଠ ବାଣୀ । ଯେଉଁ ବାଣୀକୁ ଶ୍ରବଣ କରି ଅର୍ଜୁନ ବିଷାଦଯୋଗରୁ ନିବୃତ ହୋଇ କର୍ମପ୍ରବୃତ୍ତ ହୋଇଥିଲେ । ଏଥିରେ ମଣିଷର ସଂପୂର୍ଣ୍ଣ ଜୀବନଦର୍ଶନ ଲିଖିତ ଅଛି । ଗୀତା ବାଣୀର ସାରମର୍ମକୁ ହୃଦୟଙ୍ଗମକରି ଯେଉଁ ବ୍ୟକ୍ତି କାର୍ଯ୍ୟ କରୁଛନ୍ତି ବା କରିବେ ତାଙ୍କର ମଣିଷଜୀବନ ସାର୍ଥକ ହେବ । ଶ୍ରୀକୃଷ୍ଣ ଜଙ୍ଗଲରେ ଗଛମାନଙ୍କ ଗହଳରେ ଗାଈ ଚରାଇବା ଓ କ୍ଷୀରରୁ ପ୍ରସ୍ତୁତ ସରଳବଣୀ ତାଙ୍କର ପ୍ରିୟ ଖାଦ୍ୟଥିଲା । ଯମୁନା ନଦୀ, କଦମ୍ବମୂଳ ପଶୁପକ୍ଷୀ ତାଙ୍କର ଅତ୍ୟନ୍ତ ପ୍ରିୟ ଥିଲେ। ଗରି ଗୋବର୍ଦ୍ଧନ ପର୍ବତକୁ ବାମହାତର କନଷ୍ଠା ଆଙ୍ଗୁଳିରେ ୮ ଦିପର୍ଯ୍ୟନ୍ତ ଧାରଣ ଗାଈଗୋରୁ ଓ ଗୋକୁଳବାସୀଙ୍କ ଆଶ୍ରୟ ଦେଇ ରକ୍ଷା କରିଥିଲେ । ଏହା ଦ୍ୱାରା ସେ ସମାଜକୁ ବାର୍ତ୍ତା ଦେଇଯାଇଛନ୍ତି ଯେ ଗଛ, ଗାଈ, ଗଙ୍ଗା, ଗିରି ଓ ଗଗନକୁ ସଂରକ୍ଷଣ କରି ତାଙ୍କର ସଦୁପଯୋଗ କରିପାରିଲେ ମଣିଷ ସମାଜ ଶାନ୍ତି ଓ ନିରୋଗରେ ରହିପାରିବ। ହିନ୍ଦୁମାନଙ୍କର ୧୨ ମାସରେ ୧୩ ପର୍ବ ପାଳନ କରାଯାଏ । ତନ୍ମଧ୍ୟରୁ ଜନ୍ମାଷ୍ଟମୀ ଅନ୍ୟତମ । ଆମର ପ୍ରଚଳିତ ପର୍ବଗୁଡିକ ଲୋକାଦେଖାଣିଆ ଓ ଖୁସି ମଜାର କଥା ନୁହେଁ । ଏହା ଆମର ସଂସ୍କୃତି, ପରମ୍ପରା, ଐଶୋରିକ ଭକ୍ତି ଭାବନା ଓ ବୈଜ୍ଞାନିକ ଭିତିଭୂମୀ ଉପରେ ପର୍ଯ୍ୟବେସିତ । ଏହାର ଅର୍ନ୍ତନିହିତ ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରି ପର୍ବଗୁଡିକୁ ପାଳନ କଲେ ଏହାର ସୁଫଳ ପାଇହେବ ।

ଅନୁଶାସନ ସଚିବ, ଅର୍ଥବିଭାଗ, ଲୋକସେବା ଭବନ

ସଂପର୍କ: ୯୪୩୮୫୫୫୬୭୦

## ଭିନ୍ନକ୍ଷମଙ୍କ ଠୁ ବ୍ଲକ ରେ କାର୍ଯ୍ୟାଦେଶ ବଣ୍ଟନ ଆରମ୍ଭ

ହାଟଡିହି ରବିବାର ଦିନ ହାଟଡିହି ବ୍ଲକ କାର୍ଯ୍ୟାଳୟ ରାଜ୍ୟ ସରକାର ଙ୍କ ଅନ୍ତରଦୟ ଯୋଜନା ର ଶୁଭରମ୍ଭ ହୋଇଛି। ଏଥରେ କିପରି ପ୍ରକୃତ ହିତାଧିଆକାରି ଙ୍କୁ ଚୟନ କରି ସମସ୍ତ ଙ୍କୁ ପକ୍କା ଘର ଯୋଜନା ରେ ସାମିଲ କରାଯିବ ସେଥିପାଇଁ ମୁଖ୍ୟମନ୍ତ୍ରୀ କନ୍ଧମାଳ ଗସ୍ତ ରେ ଯାଇ ଏହି ଯୋଜନା ର ଶୁଭାରମ୍ଭ କରିଥିଲେ। ଏହି ଅବସର ରେ ରାଜ୍ୟ ର ସମସ୍ତ ବ୍ଲକରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ହାଟଡିହି ରେ ମଧ୍ୟ ପାଳିତ ହୋଇଛି। ପ୍ରାୟ ପ୍ରଥମ ପର୍ଯ୍ୟାୟ ରେ ୬୩ ଜଣ ହିତାଧିକାରୀ ମାନଙ୍କୁ କାର୍ଯ୍ୟାଦେଶ ବ□ନ କରାଯାଇଛି। ଏହି ବଣ୍ଟନ କରିବା ବେଳେ ବିଡ଼ିଓ ରଞ୍ଜନ କୁମାର ପରିଡ଼ା, ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ ,ଉପାଧକ୍ଷ ସୋମନାଥ ଦାସ ବିଜେପି ନେତା ଆଲୋକ କୁମାର ସେଠୀ, ସାଂସଦ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତ ସିଂହାର, ଅତିରିକ୍ତ ଯନ୍ତ୍ରୀ ଜ୍ଞାନେନ୍ଦ୍ର ଜେନା ଉପସ୍ଥିତ ରହି ହିତାଧିକାରୀ ମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।

### ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କଲେ ଧର୍ମଶାଳା ବିଧାୟକ

## ୬୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ବଡ଼ଚଣା।(ମହାଭାରତ)ଯାଜପୁର:ପୂର୍ବ ସରକାର ସମୟରୁ ବଞ୍ଚିତ ଥିବା ଗରିବ ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଖୁବ କମ୍ ସମୟରେ ଗୃହ ପ୍ରଦାନ କରିବାକୁ ମୋହନ ସରକାର ଅନ୍ତ୍ୟୋଦୟ ଯୋଜନାର ଶୁଭାରମ୍ଭ କରିଛନ୍ତି।ସେହିପରି ଧର୍ମଶାଳା ମହୋତ୍ସବ ପଡ଼ିଆରେ ଧର୍ମଶାଳା ବିଧାୟକ ଙ୍କ ନିର୍ଦ୍ଦେଶ ରେ ବ୍ଲକ ବିଡ଼ିଓ ଙ୍କ ନେତୃତ୍ୱରେ ଆଜି ଅନ୍ତ୍ୟୋଦୟ ଯୋଜନାର ଶୁଭାରମ୍ଭ ହେବା ସହ ହିତାଧିକାରୀ ମାନଙ୍କୁ କାର୍ଯ୍ୟ ଦେଶ ବଣ୍ଟନ



କରାଯାଇଛି।ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକାର୍ପଣ କରିବା ସହ ଏହି ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ପ୍ରୟାସ ଆରମ୍ଭ ହୋଇଥିବା ବେଳେ ଧର୍ମଶାଳା ବ୍ଲକ ରେ ଚୟନ କରାଯାଇଥିବା ୬୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଧର୍ମଶାଳା ବିଧାୟକ ଶ୍ରୀ ସାହୁ ଆଜି କାର୍ଯ୍ୟାଦେଶ୍ ବ□ନ କରିଛନ୍ତି ସୂଚନା ମୁତାବକ, ଧର୍ମଶାଳା ବ୍ଲକ୍ର ୪୫ ପଞ୍ଚାୟତରେ ସର୍ଭେ କରିବା ପରେ ବ୍ଲକ୍ ପ୍ରଶାସନ ପକ୍ଷରୁ ପ୍ରତି ପଞ୍ଚାୟତରୁ ୧୫ଜଣ ଲେଖାଏଁ ଯୋଗ୍ୟ ହିତାଧୁକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା। ସେଥିରୁ ଦୁଇଟି ପଞ୍ଚାୟତରୁ ୧୪ଜଣ ଲେଖାଏଁ ଯୋଗ୍ୟ ବିବେଚିତ ହୋଇଥିବାବେଳେ ମୋଟ ୬୭୫ଜେଣଙ୍କ ମଧ୍ୟରୁ ୬୭୩ଜଣଙ୍କ ତାଲିକା ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ଜିଲ୍ଲା ପ୍ରଶାସନ ଜରିଆରେ ପ୍ରଦାନ କରାଯାଇଛି। ଫେବୃଆରୀ ୨ ତାରିଖରେ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏହି ନୂତନ ଆବାସ ଯୋଜନା ନେଇ ଗାଇଡ୍ଲାଇନ୍ ଜାରି କରାଯାଇଥିଲା। ଗ୍ରାମାଞ୍ଚଳରେ ଚାଳ ଛପର ଘରେ ବସବାସ କରୁଥିବା ଅସହାୟ ବିଧବା ମହିଳା, ଦିବ୍ୟାଙ୍ଗ, ଦୂରାରୋଗରେ ପୀଡ଼ିତ ଘରର ମୁଖିଆ ଓ ଗରିବ ବାସସ୍ଥାନ ପରିବାରକୁ ଏହି ଯୋଜନାରେ ସାମିଲ କରାଯିବାକୁ ଲକ୍ଷ୍ୟ ରଖା ଯାଇଛି। ସେହିପରି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ଘର ଭାଙ୍ଗି ରୁଜି ଯାଇଥିବା ବ୍ୟକ୍ତିଙ୍କୁ ମଧ୍ୟ ଏହି ଯୋଜନାରେ ସାମିଲ କରିବାକୁ ନିର୍ଦ୍ଦେଶନାମା ରେ ଉଲ୍ଲେଖ ରହିଛିୟ ଏହି ହିତାଧିକାରୀ ଚୟନ ଦାୟିି ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ଉପରେ ନ୍ୟସ୍ତ ରହିଛି। ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ ୩ ଗୋଟି ପର୍ଯ୍ୟାୟରେ ୧ଲକ୍ଷ ୨୦ହଜାର ଟଙ୍କା ପ୍ରଦାନ କରାଯିବ। ଯଦି ହିତାଧିକାରୀ କାର୍ଯ୍ୟାଦେଶ ପାଇବାର ୪ମାସ ମଧ୍ୟରେ ଗୃହ ନିର୍ମାଣ ଶେଷ କରିବେ ତାଙ୍କୁ ପ୍ରଶାସନ ପକ୍ଷରୁ ଅଧିକ ୨୦ହଜାର ଟଙ୍କା ଓ ୬ମାସରେ ଶେଷ କଲେ ଅଧିକ ୧୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ନିୟମ ରହିଛି।ତେବେ ଧର୍ମଶାଳା ବିଧାୟକଙ୍କ ଏଭଳି ମହତ ପୂର୍ଣ୍ଣ କାର୍ଯ୍ୟଧାରାକୁ ସାଧାରଣରେ ଭୁରି ଭୁରି ପ୍ରଶଂସା କରାଯାଇଛି।

## ଦିନାରସିଂ ସ୍ମୃତି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବଇଡାରେ ପ୍ରଥମ ପିଏମ ଶ୍ରୀ ବାର୍ଷିକ ଉତ୍ସବ ଅନୁଷ୍ଠିତ



କନ୍ଧମାଳ:,(ମହାଭାରତ୍): କନ୍ଧମାଳ ଜିଲ୍ଲା ସଦର ବ୍ଲକ ବଇଡା ସ୍ଥିତ ଦିନାରସିଂ ସ୍ମୃତି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ପି ଏମ ଶ୍ରୀ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟଲାଲ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ସମ୍ୱନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଫୁଲବାଣୀର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ସଦସ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସମୟର ସଦୁପଯୋଗ କରି ଶିକ୍ଷାଗ୍ରହଣ କରି ଛାତ୍ରଛାତ୍ରୀ ନିଜକୁ ଦେଶମାତୃକାର ସେବାରେ ଉତ୍ସର୍ଗୀକୃତ କରିବାକୁ ଆହ୍ୱାନ ଦେଇଥିଲେ। ସରପଞ୍ଚ ଆଲୋକ କହଁର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶୃଙ୍ଖଳିତ ଶିକ୍ଷାଗ୍ରହଣ ଉପରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଦିନାରସିଂ ସ୍ମୃତି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ଜଗନ୍ନାଥ ପ୍ରଧାନ ଯୋଗଦେଇଥିବା ବେଳେ ଅନ୍ୟ ଅଥିତି ମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଶ୍ୱମ୍ବର ପ୍ରଧାନ, ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବେଲାଳସେନ କହଁର, ବରିଷ୍ଠ ଶିକ୍ଷକ ସାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ।ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରାଯଇଥିବା ବେଳେ କ୍ରୀଡା ଶିକ୍ଷକ କୃଷ୍ଣ ଚନ୍ଦ୍ର ଗୌଡ଼ ଏବଂ ଧନ୍ଦାମୂଳକ ପ୍ରଶିକ୍ଷକ କୃପା ମୁଖୀ ମ□ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଏଥିସହ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନଙ୍କୁ ମଧ୍ୟ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ସମ୍ବଲପୁର ରେଳଷ୍ଟେସନ ଠାରୁ ଅଯୋଧ୍ୟା-ବାରଣାସୀ ଅଭିମୁଖେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ୍ର ଶୁଭାରମ୍ଭ

ସମ୍ବଲପୁର;(ମହାଭାରତ): ଆଜି ସମ୍ବଲପୁର ରୁ ରାଜ୍ୟ ସରକାର (ପର୍ଯ୍ୟଟନ ବିଭାଗ), ରେଳବାଇ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ର ମିଳିତ ସହୋଯୋଗରେ, ଆୟୋଜିତ ସମ୍ବଲପୁର ରେଳଷ୍ଟେସନ ଠାରୁ ଅଯୋଧ୍ୟା-ବାରଣାସୀ ଅଭିମୁଖେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନର ଜିଲ୍ଲାପାଳ, ସମ୍ବଲପୁର, ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଆଇ.ଏ.ଏସ.) ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଶୁଭ ଅବସରରେ ମାନ୍ୟବର ସମ୍ବଲପୁର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର ଙ୍କ ପ୍ରତିନିଧି ଶୁଭଶ୍ରୀ ମିଶ୍ର ,ଆରକ୍ଷୀ ଅଧିକ୍ଷକ ଶ୍ରୀ ମୁକେଶ ଭାମୂ (ଆଇ.ପି.ଏସ), ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ଅଶୋକ କୁମାର ଭୋଇ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ଶ୍ରୀ ବେଦଭୂଷଣ (ଆଇ.ଏ.ଏସ.), ଡ଼ିଜିଏମ ଗରିମା ତିୱାରୀ , ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାପାଳ, ସମ୍ବଲପୁର, ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଆଇ.ଏ.ଏସ.) ନିଜ ଅଭିଭାଷଣରେ ରାଜ୍ୟରେ ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକ ମାନେ ଯେଉଁ ମାନେ ସୁବିଧା ସୁଯୋଗ ପାଇ ପାରୁନହାନ୍ତି, ସେମାନଙ୍କର ଆଧ୍ୟାତ୍ମିକ ଆକାଂକ୍ଷା ପୂରଣ ନିମନ୍ତେ ରାଜ୍ୟ ସରକାର (ପର୍ଯ୍ୟଟନ ବିଭାଗ) ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରି ସେମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ପ୍ରଦାନ କରୁଛନ୍ତି ବୋଲି କହିଥିଲେ। ଏହି ଦ୍ୱିତୀୟ ପର୍ଯ୍ୟାୟ ରେ ସମୁଦାୟ ୭୭୫ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ପାଇଁ ସୁଯୋଗ ପାଇଛନ୍ତି ବୋଲି ସୂଚନା ଦେଇଥିଲେ।ସୂଚନା ଅନୁଯାୟୀ ଏହି ଯୋଜନା ମାଧ୍ୟମରେ ସମ୍ବଲପୁର ରେଳଷ୍ଟେସନ ଠାରୁ ଅଯୋଧ୍ୟା-ବାରଣାସୀ ଅଭିମୁଖେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ୍ରେ ସମ୍ବଲପୁର ଜିଲ୍ଲାରୁ ୧୦୨ ଯାତ୍ରୀ ସୁବର୍ଣ୍ଣପୁର-୫୨, ଦେଓଗଡ଼-୨୭, ଅନୁଗୁଳ- ୧୦୯ ଜଣ,ଝାରସୁଗୁଡ଼ା-୩୯, ସୁନ୍ଦରଗଡ଼-୧୮୦, ବଲାଙ୍ଗିର-୧୩୯, ବରଗଡ-୧୨୭ ଅଦ୍ୟାବଧି ୭୭୫ ଜଣ ଯାତ୍ରୀ ବରିଷ୍ଠ ନାଗରିକ, ଅଯୋଧ୍ୟା ଓ ବାରଣାସୀ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପାଇଛନ୍ତି ୟ ଯାତ୍ରୀ ମାନଙ୍କ ପାଇଁ ଖାଦ୍ୟ, ପାନୀୟ, ଏବଂ ଆଶ୍ରୟସ୍ଥଳୀ ର ବ୍ୟବସ୍ଥା କରାଯାଇଛି ଏହା ସହିତ ସ୍ୱାସ୍ଥ୍ୟ ଜନିତ ସମସ୍ୟା ନିମନ୍ତେ ଏକ ଡାକ୍ତରି ଟିମ ମଧ୍ୟ ଯାଇଛନ୍ତି ବୋଲି କହିଥିଲେ।

## ବିଷମ କଟକ ଓକିଲ ସଙ୍ଘ ର ନିର୍ବାଚନ, ନିର୍ଦ୍ୱନ୍ଦ୍ୱରେ ଶଭାପତି, ସମ୍ପାଦକ ନିର୍ବାଚନ

ବିଷମ କଟକ (ମହାଭାରତ) ଆଜି ସାରା ରାଜ୍ୟ ରେ ଓକିଲ ସଂଘ ର ନିର୍ବାଚନ ହୋଇଥିଲା ।ଏହି ପରି ପ୍ରେକ୍ଷୀରେ ରାୟଗଡା ଜିଲ୍ଲା ବିଷମ କଟକ ବାର ସଂଘ ତରଫରୁ ମଧ୍ୟ ନିର୍ବାଚନ ପ୍ରକ୍ରିୟା ଶାନ୍ତି ଶୃଙ୍ଖଳା ରେ ସମାପ୍ତ ହୋଇଥିଲା । ସମସ୍ତ ସଦସ୍ୟ ନିର୍ଦ୍ୱନ୍ଦ୍ୱ ରେ ନିର୍ବାଚନ ହୋଇଥିଲେ । ଶୋଭାପତି ଭାବେ ଓକିଲ ସନ୍ତୋଷ କୁମାର ପଣ୍ଡା, ଉପ ଶୋଭାପତି ଭାବେ ମନୋଜ କୁମାର ପାତ୍ର, ସମ୍ପାଦକ ଭାବେ ସଦାନନ୍ଦ ପଣ୍ଡା, ସହ ସମ୍ପାଦକ ମନମୋହନ ପାତ୍ର, କୋଷାଧକ୍ଷ ଭାବେ ଅନୁପ ପଟନାୟକ ପ୍ରମୁଖ ନିର୍ଦ୍ୱନ୍ଦ୍ୱ ରେ ନିର୍ବାଚନ ହୋଇଥିଲେ । ନିର୍ବାଚନ ଅଧିକାରୀ ବିରିଷ୍ଟ ଆଇନ ଯିବି ୯. ବାବୁରାଓ ଘୋଷଣା କରିଥିଲେ । ନୂତନ ଭାବରେ ନିର୍ବାଚନ ହୋଇଥିବା ଶଭାପତି, ସମ୍ପାଦକ କୁ ପୂର୍ବ ତନ ସଭାପତି ଚନ୍ଦ୍ର ମୌଳି ପଟନାୟକ ଶୁବେଛକ୍ଷ ଜଣାଇଥିଲେ । ସେହିପରି ଓକିଲ ସଂଘ ର କୃଷ୍ଣ ଚନ୍ଦ୍ର ସାହୁ, ଏ. ତିରୁମାଲା, ରାଜ କିଶୋର ସାହୁ, ରାମ ଚନ୍ଦ୍ର ମିନିଆକକ୍ଷ, କୁଳୁନାଥ ପାଢ଼ୀ, ଏ. ପ୍ରଦୀପ କୁମାର, ଶ୍ରୀକାନ୍ତ ପଟନାୟକ, କୁନା ରଥ, ବଡ ଗୌଡ଼, ପ୍ରମୁଖ ସମସ୍ତ ଓକିଲ ଉପସ୍ଥିତ ଥିଲେ ।

## କାର ଧକ୍କା ରେ ବାଇକ ଚାଳକ ସମେତ ୨ ଜଣ ଗୁରୁତର

କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଠାକୁରମୁଣ୍ଡା ଆନନ୍ଦପୁର ରାସ୍ତା ର ପତରତୋଳା ନିକଟ ଗଣ୍ଡିଧର ନାଳ ନିକଟ ରେ କାର ଧକ୍କା ରେ ଜଣେ ବାଇକ ଚାଳକ ଗୁରୁତର ହୋଇଥିବା ବେଳେ ବାଇକ ରେ ଥିବା ଅନ୍ୟ ଜଣେ ଆହତ ହୋଇଛନ୍ତି ।ଦୁର୍ଘଟଣାସ୍ଥଳ ରୁ ୨ ଜଣକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା ପାଇଁ ଭତର୍ତ୍ତି କରାଯାଇଥିଲା। ପରେ ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ଘଷିପୁରା ଓ କଟକ ବଡ ମେଡିକାଲ କୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି ।ସୂଚନା ଅନୁଯାୟୀ ମହୁଲଡ଼ିହା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖୁମଠାଣ ଗ୍ରାମ ବାଉଁଶଡ଼ିହା ସାହିର ମଦନ ହୋ ଓ ଦାମୋଦର ହୋ ବାଇକ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସିତ ହେଉଥିବା ପରିବାର ଲୋକଙ୍କୁ ଦେଖିବାକୁ ଆସିଥିଲେ ।ପରେ ଦିନ ପ୍ରାୟ ୧୨ ଟା ସମୟରେ ବାଇକ ଯୋଗେ ସେମାନେ ଘରକୁ ଫେରିଥିଲେ ।ବିପରୀତ ଦିଗରୁ ଏକ କାର କରଞ୍ଜିଆ ଆଡକୁ ଯାଉଥିବା ବେଳେ ଏମାନଙ୍କ ବାଇକ ସହିତ କାର ର ଧକ୍କା ହୋଇ ଯାଇଥିଲା ।ଦୁର୍ଘଟଣା ପରେ ଠାକୁରମୁଣ୍ଡା ଥାନା ପୋଲିସ କାର ଓ ବାଇକ କୁ ଜବତ କରି ଘଟଣାର ତଦନ୍ତ କରୁଛି ।



## ହିନ୍ଦୁ ନବବର୍ଷ ଉତ୍ସବ ପାଳିତ

କୋରାପୁଟ ଜିଲ୍ଲା ଜୟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁର ଠାରେ ପ୍ରଧାନାଚାର୍ଯ୍ୟ ଶ୍ରୀଯୁକ୍ତ ସତ୍ୟ ନାରାୟଣ ସେଠୀଙ୍କ ଅଧକ୍ଷତାରେ ହିନ୍ଦୁ ନବବର୍ଷ ଉତ୍ସବ ବହୁ ଆଡମ୍ବରରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିଶୁମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ଏହି ଉତ୍ସବରେ ଶ୍ରୀଯୁକ୍ତ ମୁକୁନ୍ଦ ପ୍ରସାଦ ବେହେରା, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର, ନଗର ଶାରୀରିକ ପ୍ରମୁଖ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଆଚାର୍ଯ୍ୟା ଶ୍ରୀଯୁକ୍ତ କୈଳାସ ଚନ୍ଦ୍ର ପଣ୍ଡା, ଶ୍ରୀଯୁକ୍ତ ରାମଚନ୍ଦ୍ର ମହାନ୍ତି, ଶ୍ରୀମତୀ କେ.ଲଳିତା ଏବଂ ଶ୍ରୀମତୀ ପି.ମାଲେଶ୍ୱରୀ ଉପସ୍ଥିତ ଥିଲେ ।ଶ୍ରୀଯୁକ୍ତ ବେହେରା ଏହି ଉତ୍ସବ ପାଳନର ମହ□ ଏବଂ ବିକ୍ରମାଦିତ୍ୟଙ୍କ ବିଷୟରେ ତଥା ବ୍ରହ୍ମାଙ୍କ ଦ୍ୱାରା କାଳ ଗଣନା କିପରି କରାଯାଇଥିଲା ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଉପସ୍ଥାପନା କରିଥିଲେ । ସେହିପରି ଅନ୍ୟ ଗୁରୁଜୀ ଗୁରମାମାନେ ମଧ୍ୟ ରାଷ୍ଟ୍ରୀୟ ନବବର୍ଷ କାହିଁକି ପାଳନ କରାଯାଏ ଏବଂ କେବେଠାରୁ ଏହାର ମହ□ ଉପଲବ୍ଧି କରାଯାଇଛି ନିଜ ନିଜର ବକ୍ତବ୍ୟରେ ଆଲୋକପାତ କରିଥିଲେ । ଶ୍ରୀଯୁକ୍ତ ଅନନ୍ତ ନାରାୟଣ ମହାପାତ୍ର, ବରିଷ୍ଠ ଆଚାର୍ଯ୍ୟ କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟା ଶ୍ରୀମତୀ ସରୋଜିନୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ଗୁରୁଜୀ ଗୁରମା ଏବଂ ସେବାବ୍ରତୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳତାର ସହିତ ସଂପାଦିତ ହୋଇଥିଲା ।

## ସରାଟ ଶାସନ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ



ବାଲିପାଟଣା : ( ମହାଭାରତ ) : ବାଲିପାଟଣା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନ ପମ୍ପାଲୋ ପଞ୍ଚାୟତ ସରାଟ ଶାସନ ପ୍ରାଥମିକ ବିଦ୍ୟାଳୟ ୬୪ ତମ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ବାହାନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅସର ପ୍ରାପ୍ତ ଶିକ୍ଷକ ତଥା ଲେଖକ କାର୍ତ୍ତିକ ଚନ୍ଦ୍ର ଦାଶ , ରବୀନ୍ଦ୍ର ମିଶ୍ର , ବିଭୁତି ଭୁଷଣ ଦାଶ , ସୁରେନ୍ଦ୍ର ବେହେରା , ପ୍ରତାପ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଭିନ୍ନ କ୍ଷେତ୍ର କୃତ୍ତିବ ଅର୍ଜନ କରିଥିବା ଛାତ୍ର, ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ୱାର୍ଡ ସଭ୍ୟା ନିରୁପମା ଭୋଇ , ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀଧର ଭୋଇ , ପୂର୍ବତନ ସଭାପତି ରବିନାରାୟଣ ଭୋଇ , ସିଆରସିସି ପ୍ରଭାତ କୁମାର ସାହୁ , ଶିକ୍ଷକ ଏ ରାଜ ପ୍ରସାଦ ଦୋରା , ସରୋଜ କୁମାର ମଲ୍ଲିକ , ଦିଲ୍ଲିପ କୁମାର ସାହୁ, ଶୁଭସ୍ମିତା ସ୍ୱାଇଁ , କଳ୍ପନା ସାହୁ, ସୌଦାମିନୀ ଜେନା, ସ୍ମୃତି ରେଖା ପ୍ରହରାଜ ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲେ ପ୍ରଧାନ ଶିକ୍ଷୟତ୍ରୀ ଅନୁସୂୟା ସାହୁ ଏବଂ ଅଙ୍ଗନବାଡି କର୍ମୀ ବାସନ୍ତୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ର, ଛାତ୍ରୀଙ୍କ ସମେତ ଅଭିଭାବକ ମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ବିଶ୍ୱଶାନ୍ତି ଚଣ୍ଡି ମହାଯଜ୍ଞ ଓ ବାସନ୍ତିକ ନବଦୁର୍ଗା ପୂଜା ଅନୁଷ୍ଠିତ



ଟିଟିଲାଗଡ (ମହାଭାରତ )ବଲାଙ୍ଗିର ଜିଲ୍ଲା ସଇଁନ୍ତଳା ବ୍ଲକ କୁଟୁରାମୁଣ୍ଡା ଗ୍ରାମ ମହୁଲ ପଡା ର ଖେଳପଡିଆରେ ରେ ବାସନ୍ତୀକ ନବଦୁର୍ଗାପୂଜା କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଜି କଳସ ଯାତ୍ରା ଓ ଶୁଭାରମ୍ଭ ହୋଇ ଥିବା ବେଳେ ଏହି ବାସନ୍ତୀକ ନବଦୁର୍ଗାପୂଜା ରେ ମୁଖ୍ୟକର୍ତ୍ତା ଶ୍ରୀଯୁକ୍ତ ଅଶ୍ବନୀ କୁମାର ମାଝୀ ଓ ଧର୍ମପ୍ତ୍ନୀ ପଦ୍ମବତୀ ମାଝୀ, ସତ୍ୟନାରାୟ ମେହେର ଓ ଧର୍ମପ୍ତ୍ନୀ ରିତାଞ୍ଜାଲି ମେହେର, ପଣ୍ଡିତ ଭକ୍ତ ପ୍ରସାଦ ରଥ, ଓ ଷୋହଳ ପ୍ରହରୀରନାମ ଯଜ୍ଞର କର୍ତ୍ତା ଶ୍ରୀଯୁକ୍ତ ସୁବାସ ଗହିର ର ସୁପୁତ୍ର କିଶୋର କୁମାର ଗହିର ଓ ଧର୍ମପତ୍ନୀ ପୁର୍ଣିମା (ରିତା )ଗହିର ଥିଲେ, ଓ ଚଣ୍ଡୀମହାଯଜ୍ଞରକର୍ତ୍ତା ଶ୍ରୀ ଯୁକ୍ତ ଧ୍ରୁବଚରଣ ସାହୁ ଧର୍ମପତ୍ନୀ,କ୍ଷୀରେଶ୍ୱର ସାହୁ,ଓ ପାରାୟଣ କର୍ତ୍ତା ବାଳମିକି ଗହୀର ଧର୍ମପ୍ତ୍ନୀ ଯଶୋବନ୍ତି ଗହିର, ଯଜ୍ଞ କୁଣ୍ଡଳୀ ର କର୍ତ୍ତା ଡୋଳାମଣି ମାଝୀ ଧର୍ମପତ୍ନୀ ପୁଷ୍ପାଞ୍ଜଳି ମାଝୀ, ହରିଚନ୍ଦ୍ର, ଗହିର, ଧର୍ମପତ୍ନୀ କନକ ଗହିର, ଗୌତମ ଗହିର ଧର୍ମପ୍ତ୍ନୀ ବାସନ୍ତୀ ଗହିର, ବିରଞ୍ଚି ଗହିର ଧର୍ମପ୍ତ୍ନୀ ସିନ୍ଧୁ ଗହିର,ଏହି ବିଶ୍ୱଶାନ୍ତି ଚଣ୍ଡୀମହାଯଜ୍ଞ ଓ ବାସନ୍ତୀକ ନବଦୁର୍ଗା ପୂଜାର ସଭାପତି, ବିନେଶ କୁମାର ଗହିର ଥିବା ବେଳେ ୨୯ ,୦୩ ,୨୦୨୫ ରୁ ୭,୦୪,୨୦୨୫ ତାରିଖ ପର୍ଯ୍ୟନ୍ତ ହେବ ବୋଲି କମିଟି ପକ୍ଷରୁ ପ୍ରକାଶ କରିଛନ୍ତି ଉକ୍ତ କାର୍ଯ୍ୟକ୍ରମ କୁ ଅ□ଳ ବାବାଙ୍କ ସହଯୋଗ ରହିଛି।

## ୪୬ଜଣ ଜନଜାତି ଯୁବ ଉଦ୍ୟୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ

ରାୟଗଡ:(ମହାଭାରତ): ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା, ରାୟଗଡ଼ ଅଧିନରେ ଥିବା ୪ଗୋଟି ବ୍ଲକ ଯଥା- କଲୋନରା, କାଶିପୁର, କଲ୍ୟାଣସିଂହପୁର ଏବଂ ରାୟଗଡ଼ରେ କାର୍ଯ୍ୟକାରି ହେଉଥିବା ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ତରଫରୁ ଜନଜାତି ବର୍ଗର ୪୬ଜଣ ଯୁବକ ଓ ଯୁବତୀଙ୍କୁ ବିଭିନ୍ନ କ୍ଷୁଦ୍ର ବ୍ୟବସାୟ ଓ ଲଘୁ ଉଦ୍ୟୋଗ ସ୍ଥାପନ ଲାଗି ୧ ଲକ୍ଷ ଟଙ୍କ । ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏଥି ସହିତ ଓଡ଼ିଶା କୃଷି ଶିଳ୍ପ ନିଗମ, ରାୟଗଡ଼ ଏବଂ ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା, ରାୟଗଡ଼ଙ୍କ ମିଳିତ ସହଯୋଗରେ ୫୦ଜଣ ଅଗ୍ରଣୀ ଚାଷିଙ୍କୁ ଉନ୍ନତ କୃଷି ଯନ୍ତ୍ରପାତି (ପସେଟ) ପ୍ରଦାନ କରାଯାଇ ଜନଜାତି କୃଷକଙ୍କ ଉନ୍ନତି ପାଇଁ ଲକ୍ଷ୍ୟ ରଖାଯାଇଅଛି । ଏହି ଅବସରରେ ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା, ରାୟଗଡ଼ ଶ୍ରୀ ଚନ୍ଦ୍ରକାନ୍ତ ମାଝୀ ଏବଂ ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼ ଶ୍ରୀ ନବୀନ ଚନ୍ଦ୍ର ନାୟକ ଏହି



କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଥିଲେ। ଅଭିଭାଷଣ ମାଧ୍ୟମରେ ପ୍ରକଳ୍ପ ପ୍ରଶାସକ ଏବଂ ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼ ଜନଜାତି ବହୁଳ ଗାଁ ଗହଳରେ ଲଘୁ ଉଦ୍ୟୋଗ ଯଥା ମୋବାଇଲ ମରାମତି, ସିଲେଇ ତଥା ପୋଷାକ ତିଆରି, ଗ୍ରସରି ଦୋକାନ, ପରିବହନ ପାଇଁ ଅଟରି, ଅଟାଚୁନା ଓ ଧାନକଳ, ପୋଷାକ ଦୋକାନ, ରାଜମିସ୍ତ୍ରୀ ଆଦି ବ୍ୟବସାୟ ମାଧ୍ୟମରେ ନିଜ ନିଜର ରୋଜଗାର ବୃଦ୍ଧି କରିବା ସହିତ ସେ ଅଞ୍ଚଳରେ ସଫଳ ଉଦ୍ୟୋଗୀ ଭାବେ ଉଦାହରଣ ସୃଷ୍ଟି କରିବାକୁ ଯୁବକ ଓ ଯୁବତୀମାନଙ୍କୁ ପରାମର୍ଶ ଦେଇଥିଲେ ।ଏଥି ସହିତ ଅଗ୍ରଣୀ ଚାଷିମାନେ କିପରି ଅଧିକ ଲାଭ ଦାୟକ ଫସଲ ୨/୩ ଥର ଚାଷ କରି ନିଜର ରୋଜଗାରକୁ ବୃଦ୍ଧି କରିପାରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ଶ୍ରୀ ସିଦ୍ଧାର୍ଥ ସେଖର ସ୍ୱାଇଁ, ଜିଲ୍ଲା ପରିଚାଳକ, କୃଷି ଶିଳ୍ପ ନିଗମ, ରାୟଗଡ଼ ଯୋଗ ଦେଇ କୃଷି, ଜଳସେଚନ ଓ ପଶୁପାଳନ ଦ୍ୱାରା କିପରି ଅଧିକରୁ ଅଧିକ ରୋଜଗାର କରିପାରିବେ ସେ ସର୍କରେ ମତବ୍ୟକ୍ତ କରିଥିଲେ । ଏହାପରେ ୫୦ଜଣ ଚାଷିଙ୍କୁ ପସେଟ୍ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ପ୍ରକଳ୍ପ ପରିଚାଳକ ଶ୍ରୀ ବିଦ୍ୟୁତ ରଞ୍ଜନ ପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ବିଷୟ ବସ୍ତୁ ବିଶେଷଜ୍ଞ ଶ୍ରୀମତୀ ସାଶ୍ୱତି ନାଥ ଏବଂ ଶ୍ରୀ ବସନ୍ତ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନ କରିଥିଲେ । ସହଯୋଗୀ ସଂସ୍ଥା ଓ.ପି.ଡ଼ି.ଏସ.ସି., ରାୟଗଡ଼ର ୪ଜଣ ଜୀବିକା ବିଶେଷଜ୍ଞମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ମହାଭାରତ ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ୨୦୩୦ ସୁଦ୍ଧା ଏଚଆଇଭିରେ ମରିବେ ୩୦ ଲକ୍ଷ


**ନୂଆଦିଲ୍ଲୀ,୩୦।୩(ଏଜେନ୍ସି):** ଏଚଆଇଭିକୁ ନେଇ ବୈଜ୍ଞାନିକଙ୍କ ସତର୍କବାଣୀ । ଏଚଆଇଭି ନିବାରଣ ଏବଂ ଚିକିତ୍ସା କାର୍ଯ୍ୟକ୍ରମରେ ଆନ୍ତର୍ଜାତୀୟ ପାଣ୍ଠିରେ ହ୍ରାସ ଏକ ଗମ୍ଭୀର ସଙ୍କଟ ସୃଷ୍ଟି କରିବ । ୨୦୩୦ ସୁଦ୍ଧା ଏଚଆଇଭିରେ ୧ କୋଟିରୁ ଅଧିକ ସଂକ୍ରମଣ, ପାଖାପାଖି ୩୦ ଲକ୍ଷ ମୃତ୍ୟୁହୋଇପାରେ । ଏନେଇ ରିପୋର୍ଟ ଜାରି କରିଛି ଲାନସେଟ୍ । ଗୁରୁବାର ଲାନସେଟ୍ ଏଚଆଇଭି ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନରେ ଏହି ତଥ୍ୟ ପ୍ରକାଶ ପାଇଛି । HIV ନିବାରଣ ଏବଂ ଚିକିତ୍ସା କାର୍ଯ୍ୟକ୍ରମ ପାଇଁ ଆନ୍ତର୍ଜାତୀୟ ପାଣ୍ଠିରେ ହ୍ରାସ ୨୦୩୦ ସୁଦ୍ଧା ୧ କୋଟିରୁ ଅଧିକ ସଂକ୍ରମଣ ଏବଂ ପ୍ରାୟ ୩୦ ଲକ୍ଷ ମୃତ୍ୟୁର କାରଣ ହୋଇପାରେ। ଅଷ୍ଟ୍ରେଲିଆର ମେଲବୋର୍ଣ୍ଣର ବର୍ନେଟ୍ ଇନଷ୍ଟିଚ୍ୟୁଟର ଏକ ଦଳ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନରେ ୨୦୨୬ ସୁଦ୍ଧା ବିଶ୍ୱବ୍ୟାପୀ ଏଚଆଇଭି ପାଣ୍ଠିରେ ପ୍ରାୟ ୨୪ ପ୍ରତିଶତ ହ୍ରାସର ପ୍ରଭାବକୁ ମଡେଲ କରାଯାଇଥିଲା । ଆମେରିକା, ୟୁକେ, ଫ୍ରାନ୍ସ, ଜର୍ମାନୀ ଏବଂ ନେଦରଲ୍ୟାଣ୍ଡ ସମେତ ପ୍ରମୁଖ ଦାତାମାନେ ୮ରୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ସହାୟତା ଘୋଷଣା କରିବା ପରେ ଏହି ତଥ୍ୟ ସାମନାକୁ ଆସିଛି । ଏହି ୫ଟି ଦେଶ ମିଳିତ ଭାବରେ ବିଶ୍ୱର ୯୦ ପ୍ରତିଶତରୁ ଅଧିକ ଏଚଆଇଭି ସହାୟତା ପାଇଁ ପାଣ୍ଠି ଯୋଗାଇଥାନ୍ତି । ଗବେଷକମାନେ କହିଛନ୍ତି ଯେ, ଯଦି ଆମେରିକା ଏବଂ ବ୍ରିଟେନ ସମେତ ୫ଟି ପ୍ରମୁଖ ଦାତା ଦେଶ ଦ୍ୱାରା ପ୍ରସ୍ତାବିତ ପାଣ୍ଠି ହ୍ରାସକୁ ସହଜ ନ କରାଯାଏ, ତେବେ ଆକଳନ ଅନୁଯାୟୀ ୨୦୨୫ରୁ ୨୦୩୦ ମଧ୍ୟରେ ଶିଶୁ ଏବଂ ବୟସ୍କଙ୍କ ମଧ୍ୟରେ ଅତିରିକ୍ତ ୪.୪ ରୁ ୧୦.୮ କୋଟି ନୂତନ ଏଚଆଇଭି ସଂକ୍ରମଣ ଏବଂ ପାଖାପାଖି ୩୦ ଲକ୍ଷ ମୃତ୍ୟୁ ହୋଇପାରେ । ଆମେରିକାର ନୂତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ପରେ ଜାନୁଆରୀ ୨୦ ତାରିଖରେ ଏଚଆଇଭି ପାଣ୍ଠିରେ ବିଶ୍ୱର ସବୁଠାରୁ ବଡ଼ ଯୋଗଦାନକାରୀ ଯୁକ୍ତରାଷ୍ଟ୍ର ସମସ୍ତ ସହାୟତା ବନ୍ଦ କରିଦେଇଥିଲା । ଉପ-ସାହାରା ଆଫ୍ରିକା ଏବଂ ଉପାନ୍ତ ଗୋଷ୍ଠୀଗୁଡ଼ିକ ପୂର୍ବରୁ ଏଚଆଇଭି ସଂକ୍ରମଣର ବିପଦରେ ଅଛନ୍ତି, ଯେପରିକି ନିଶା ଇଞ୍ଜେକ୍ସନ ନେଉଥିବା ଲୋକ, ଯୌନ କର୍ମୀ ଏବଂ ପୁରୁଷମାନଙ୍କ ସହିତ ଯୌନ ସମ୍ପର୍କ ରଖୁଥିବା ପୁରୁଷ ଏବଂ ପିଲାମାନେ ସବୁଠାରୁ ଅଧିକ ପ୍ରଭାବିତ ହେବେ । ଡକ୍ଟର ରୋୱାନ୍ ମାର୍ଟିନ୍-ହ୍ୟୁଜ୍ସ ଦର୍ଶାଇଛନ୍ତି ଯେ, ପରୀକ୍ଷା




ଏବଂ ଚିକିତ୍ସା କାର୍ଯ୍ୟକ୍ରମକୁ ସୀମିତ କରିବା ସହିତ, ଉପ-ସାହାରା ଆଫ୍ରିକାରେ କଣ୍ଡୋମ୍ ବଣ୍ଟନ ଏବଂ ପ୍ରି-ଏକ୍ସପୋଜର ପ୍ରୋଫାଇଲାକ୍ସିସ୍ (ଏକ ପ୍ରକାର ଔଷଧ ଯାହା HIV ସଂକ୍ରମଣର ବିପଦକୁ ହ୍ରାସ କରେ) ପ୍ରଦାନ କରିବା ଭଳି ବ୍ୟାପକ ପ୍ରତିରୋଧ ପ୍ରୟାସରେ ହ୍ରାସ ଘଟିବ । ଡକ୍ଟର ବ୍ରିଙ୍କ କହିଛନ୍ତି ଯେ, ସ୍ଥାୟୀ ଆର୍ଥିକ ସହାୟତା ସୁନିଶ୍ଚିତ କରିବା ଏବଂ ଏଚଆଇଭି ମହାମାରୀ ପୁନରଉ□ାନକୁ ଏଡ଼ାଇବା ଅତ୍ୟନ୍ତ ଜରୁରୀ, ନଚେତ ଏହାର ବିନାଶକାରୀ ପରିଣାମ ସାରା ବିଶ୍ୱରେ ଦେଖାଯାଇପାରେ ।

# ଭାରତ ଗସ୍ତରେ ଆସିବେ ପୁଟିନ

**ନୂଆଦିଲ୍ଲୀ,୩୦।୩(ଏଜେନ୍ସି):** ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଖୁବ୍ ଶୀଘ୍ର ଭାରତ ଗସ୍ତରେ ଆସୁଛନ୍ତି । ଏନେଇ ଋଷ ଗୁରୁବାର ଆଧିକାରିକ ସ୍ତରରେ ସମ୍ମତି ପ୍ରଦାନ କରିଛି । ଗତବର୍ଷ ଶେଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମସ୍କୋ ଗସ୍ତ କରିଥିଲେ । ଏହି ଗସ୍ତ ସମୟରେ ପିଏମ୍ ମୋଦି ପୁଟିନଙ୍କୁ ଭାରତ ଗସ୍ତରେ ଆସିବା ପାଇଁ ନିମନ୍ତ୍ରଣ ପ୍ରଦାନ କରିଥିଲେ । ତେବେ ୨୦୨୨ ମସିହା ପରଠୁ ଋଷ ଓ ୟୁକ୍ରେନ ଯୁଦ୍ଧ ଲାଗିବା ପରେ ଏହା ପୁଟିନଙ୍କ ପ୍ରଥମ ବିଦେଶ ଗସ୍ତ ହେବାକୁ ଯାଉଛି । ଋଷିଆର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭ ପୁଟିନଙ୍କ ଭାରତ ଗସ୍ତ ପାଇଁ ପ୍ରସ୍ତୁତି ଚାଲିଛି ବୋଲି ସୂଚନା ଦେଇଛନ୍ତି । ତେବେ ପୁଟିନ କେବେ ଭାରତ ଗସ୍ତ କରିବେ ସେନେଇ ସେ କୌଣସି ସୂଚନା ପ୍ରଦାନ କରିନାହାନ୍ତି । ଲାଭରୋଭ ସ୍ଥାନୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ କହିଛନ୍ତି ଯେ ପ୍ରେସିଡେଣ୍ଟ ଭ୍ଲାଦିମିର ପୁଟିନ ଭାରତ ସରକାରଙ୍କ ଦ୍ୱାରା ଦିଆଯାଇଥିବା ନିମନ୍ତ୍ରଣକୁ ଗ୍ରହଣ କରିଛନ୍ତି । ପିଏମ ମୋଦି ତାଙ୍କ ତୃତୀୟ ପାଳିରେ ପ୍ରଥମ ବିଦେଶ ଗସ୍ତ ଋଷକୁ



କରିଥିଲେ । ବର୍ତ୍ତମାନ ଆମର ପାଳି । ଭାରତ ୟୁକ୍ରେନ ଯୁଦ୍ଧରେ ନିରପେକ୍ଷତା ଅବଲମ୍ବନ କରିଛି । ପିଏମ ମୋଦି ମଧ୍ୟ ପୁଟିନଙ୍କୁ ଭେଟିବା ସମୟରେ ଏହି ସମୟ ଯୁଦ୍ଧର ନୁହେଁ ବୋଲି କହିଥିଲେ । ୟୁଏନରେ ଋଷ ବିପକ୍ଷରେ ହୋଇଥିବା ଭୋଟ୍ ରୁ ମଧ୍ୟ ଭାରତ ଓହରି ଯାଇଥିଲା । ୨୦୨୪ରେ ପିଏମ ମୋଦି ଉଭୟ ମସ୍କୋ ଓ କିଭ୍ ଗସ୍ତ କରିଥିଲେ । ସେ କିଭ୍ ଗସ୍ତ କରି ୟୁକ୍ରେନିୟ ରାଷ୍ଟ୍ରପତି ଜେଲେନ୍ସ୍କିଙ୍କୁ ମଧ୍ୟ ଭେଟିଥିଲେ । ଏହା ସହ ସେ ବ୍ରିକ୍ସ ସମ୍ମିଳନି ପାଇଁ ଗତ ଅକ୍ଟୋବର ମାସରେ ଋଷିଆର କଜାନ ପ୍ରଦେଶକୁ ଗସ୍ତ କରିଥିଲେ । ଭାରତ ଓ ଋଷର ସମ୍ପର୍କ ଦଶନ୍ଧି ପୁରୁଣାୟ । ପ୍ରତିବର୍ଷ ଭାରତ ଋଷ ନିକଟରୁ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଥାଏୟ । ସେହିଭଳି ୟୁକ୍ରେନ ଯୁଦ୍ଧ ପରେ ପାଶ୍ଚାତ୍ୟ ଦେଶ ଗୁଡିକ ଋଷ ଉପରେ ତୈଳ ବିପଣନ ଉପରେ ରହିତାଦେଶ ଲଗାଇଥିଲେ। ଏହାର ବିକଳ୍ପରେ ଋଷ ଭାରତକୁ ନିର୍ଦ୍ଧାରିତ ମୁଲ୍ୟରେ ତେଲ ଯୋଗାଇ ଆସୁଛି ।

# ଭାଜପାକୁ ଦୁର୍ଗନ୍ଧ ପସନ୍ଦ

**ଲକ୍ଷ୍ନୌ,୩୦।୩(ଏଜେନ୍ସି):** ଗାଇ, ଗୋଶାଳା ନିର୍ମାଣକୁ ନେଇ ବିଜେପି ଓ ସପା ପରସ୍ପରକୁ ଟାର୍ଗେଟ କରିଛନ୍ତି । ଦୁର୍ଗନ୍ଧ-ସୁଗନ୍ଧକୁ ନେଇ ବୟାନବାଜି ଚାଲିଛି । ଭାରତୀୟ ଜନତା ପାର୍ଟିକୁ ଦୁର୍ଗନ୍ଧ ପସନ୍ଦ । ତେଣୁ ସେ ଗୋଶାଳା ବନାଉଛି ବୋଲି ସମାଜବାଦୀ ପାର୍ଟି ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ବିଜେପିକୁ ଟାର୍ଗେଟ କରି କହିଛନ୍ତି । ଅଖିଳେଶଙ୍କ ଏହି ବୟାନକୁ ନେଇ ସରଗରମ ହୋଇଛି ଉତ୍ତରପ୍ରଦେଶ ରାଜନୀତି । ଏହାର ଜବାବ୍ ଦେଇ ବିଜେପି କହିଛି ଭୋଟ ବ୍ୟାଙ୍କ ଚକ୍କରରେ ସମାଜବାଦୀ ପାର୍ଟି 'ସମାପ୍ତବାଦୀ ପାର୍ଟି' ହେବାକୁ ଯାଉଛି । ଗୋଶାଳା ନିର୍ମାଣକୁ ନେଇ ସପା ମୁଖ୍ୟ ଅଖିଳେଶ ଯାଦବ ବିଜେପିକୁ କଟାକ୍ଷ କରିଛନ୍ତି । ବିଜେପିକୁ ଦୁର୍ଗନ୍ଧ ପସନ୍ଦ ତେଣୁ ସେ ଗୋଶାଳା ନିର୍ମାଣ କରୁଛି । ସପାକୁ ସୁଗନ୍ଦ ପସନ୍ଦ ତେଣୁ ସେ ଇତର ପାର୍କ ବନାଇଛି । ଗୋଶାଳା ଇତର ପାର୍କକୁ ନେଇ ଏକ ଟିପ୍ପଣୀ ଦେଇ ଏହା କହିଛନ୍ତି। ତାଙ୍କର ଏହି ବୟାନକୁ ନେଇ ୟୁପି ରାଜନୀତି ସରଗମର ହୋଇଛି । ସପା ଅଧ୍ୟକ୍ଷ ଅଖିଳେଶଙ୍କର ଏହି ବୟାନକୁ ନେଇ କଡ଼ା ଜବାବ ଦେଇଛି ଭାରତୀୟ ଜନତା ପାର୍ଟି ।ବିଜେପି ମୁଖ୍ୟ ପ୍ରବକ୍ତା ସେହଜାଦ୍ ପୁନେୱାଲା



ସପାକୁ ଟାର୍ଗେଟ କରି କହିଛନ୍ତି, 'ସପା ମୁଖ୍ୟ ହିନ୍ଦୁ-ସନାତନ ସଂସ୍କୃତିର ଅପମାନ କରିଛନ୍ତି । ଶ୍ରୀକୃଷ୍ଣ ନିଜକୁ 'ଗୋପାଳ' କୁହନ୍ତି । ଗାଈଙ୍କ ପ୍ରତି ତାଙ୍କ ଭଲ ପାଇବା ସେମାନଙ୍କ ପ୍ରତି ସୁରକ୍ଷା ରହିଥିଲା । ମାତ୍ର ଭୋଟ ବ୍ୟାଙ୍କ ପାଇଁ ଜଣେ କିପରି ଏତେ ତଳକୁ ଖସି ଯାଉଛନ୍ତି। ଭୋଟ ବ୍ୟାଙ୍କ ପାଇଁ ସମାଜବାଦୀ ପାର୍ଟି ଏବେ 'ସମାପ୍ତବାଦୀ ଦଳ' ହୋଇଛି । ଯାହାକୁ ଘୁଷୁରୀ ପସନ୍ଦ ତାଙ୍କୁ ଗାଈ କେଉଁଠୁ ବା ପସନ୍ଦ ଆସିବ ? 'ସେହିପରି ଅଖିଳେଶଙ୍କର ଏହି ବୟାନକୁ ନେଇ ରାଜ୍ୟସଭା ସାଂସଦ ତଥା ପୂର୍ବ ଉପମୁଖ୍ୟମନ୍ତ୍ରୀ ଦିନେଶ ଶର୍ମା କହିଛନ୍ତି,' ସପା ଶାସନରେ ଅତର ପାର୍କ ବନାଯିବା ସହିତ ଅତରର ଘୋଟାଲ ମଧ୍ୟ ହୋଇ ସାରିଛି । ଗୋଶାଳାରେ ତୁମେ ଦୁର୍ଗନ୍ଧ ଓ ସୁଗନ୍ଧ କାହିଁକି ଖୋଜୁଛ ? ଗୋଶାଳାରେ ସନାତନର ଆସ୍ଥା ଖୋଜ । ଗୋମାତାଙ୍କ ଉପରେ ଟିପ୍ପଣୀ ଦିଆଯାଏ ନାହିଁ ।''

## ସ୍କର୍ପିଓ -ବୋଲେରୋ କ୍ୟାମ୍ପର ଧକ୍କା

# ଡାକ୍ତର ଓ ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ

**ବାଡ଼ମେର,୩୦।୩(ଏଜେନ୍ସି):** ବାଡ଼ମେର- ଜୈସଲମେର ହାଇୱେ (ଏନଏଚ-୬୮)ର ବାଡ଼ମେର ମେଡ଼ିକାଲ କଲେଜ ନିକଟରେ ଶୁକ୍ରବାର ରାତିରେ ସ୍କର୍ପିଓ ଓ ବୋଲେରୋ କ୍ୟାମ୍ପର ଧକ୍କାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ତନ୍ମଧ୍ୟରେ ରହିଛନ୍ତି ସ୍କର୍ପିଓରେ ଯାତ୍ରା କରୁଥିବା ଡାକ୍ତର ଏବଂ ମେଡ଼ିକାଲ ଛାତ୍ର । ସେମାନଙ୍କର ଅନ୍ୟ ୪ ସାଥୀ ଆହତ ହୋଇଛନ୍ତି । ଆହତ ମାନଙ୍କ ମଧ୍ୟରୁ ଜଣକର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ତାଙ୍କୁ ଅହମଦାବାଦ (ଗୁଜୁରାଟ) ସ୍ଥାନାନ୍ତରିତ କରାଯାଇଛି । ଅନ୍ୟ ୩ ଜଣ ବାଡ଼ମେର ଜିଲ୍ଲା ହସ୍ପିଟାଲରେ ଚିକିତ୍ସାଧିନ ଅଛନ୍ତି ।

ଗ୍ରାମାଚଂଳ ଥାନା ଇନଚାର୍ଜ ବିକ୍ରମ ଦାନ ଚାରଣ ଏନେଇ ସୂଚନା ଦେଇ କହିଛନ୍ତି ଯେ, ଶୁକ୍ରବାର ବାଡ଼ମେର ଜିଲ୍ଲା ହସ୍ପିଟାଲରେ ଡ୍ୟୁଟି ସାରି ଅର୍ଥପେଡିକ ଡାକ୍ତର ଅଶୋକ କୁମାର, ଜଣେ ଡାକ୍ତରୀ ଛାତ୍ର ରମେଶ ସମେତ ୬ ଜଣ ଲୋକ ସ୍କର୍ପିଓ ଯୋଗେ ମେଡ଼ିକାଲ କଲେଜକୁ ଯାଉଥିଲେ । ରାତିରେ ଜାତୀୟ ରାଜପଥ ନମ୍ବର ୬୮ ର ମେଡ଼ିକାଲ କଲେଜ ନିକଟରେ ତାଙ୍କ ସ୍କର୍ପିଓ କାର୍ ସାମ୍ନାରୁ ଆସୁଥିବା ବୋଲେରୋ କ୍ୟାମ୍ପରକୁ ଧକ୍କା ଦେଇଥିଲା । ଏବଂ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଦୁର୍ଘଟଣାରେ ଡାକ୍ତର ଅଶୋକ କୁମାର ଓ ଡାକ୍ତରୀ ଛାତ୍ର ରମେଶଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ପଥଚାରୀ ମାନେ ଏ ସମ୍ପର୍କରେ ଗ୍ରାମାଚଂଳ ପୋଲିସକୁ ସୂଚନା ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଂଚି ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ହସ୍ପିଟାଲକୁ ଆଣିଥିଲା । ସେଠାରେ ଡାକ୍ତର ଅଶୋକ ଓ ଡାକ୍ତରୀ ଛାତ୍ର ରମେଶଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର । ଜଣେ ଗୁରୁତରଙ୍କୁ ପ୍ରଥମେ ଜୋଧପୁର ଏବଂ ପରେ ଅଧିକ ଚିକିତ୍ସା ନିମନ୍ତେ ସେଠାରୁ ଅହମଦାବାଦ ସ୍ଥାନାନ୍ତରିତ କରାଯାଇଛି । ଅନ୍ୟ ତିନି ଜଣ ବାଡ଼ମେର ଜିଲ୍ଲା ହସ୍ପିଟାଲରେ ଚିକିତ୍ସାଧିନ ଅଛନ୍ତି ।

# ମୋଦୀ ପାକିସ୍ତାନ ଆସିବାର ଥିଲା, କିନ୍ତୁ ଆମେ ଭୁଲ କରିଦେଲୁ

**ନୂଆଦିଲ୍ଲୀ,୩୦।୩(ଏଜେନ୍ସି):** ପାକିସ୍ତାନର ଇମ୍ରାନ ଖାନ ସରକାରରେ ମନ୍ତ୍ରୀ ଥିବା ଫୱାଦ ଚୌଧୁରୀ କହିଛନ୍ତି ଯେ ତାଙ୍କ ସରକାର ଭାରତ ସହିତ କାଶ୍ମୀର ସମସ୍ୟାର ସମାଧାନ କରିବାରେ ଏକ ବଡ଼ ଭୁଲ କରିଛି ।ସେ କହିଛନ୍ତି ଯେ ତତ୍କାଳୀନ ସେନା ମୁଖ୍ୟ ଜେନେରାଲ କମର ଜାଭେଦ ବାଜୱା ଏକ ଯୋଜନା କରିଥିଲେ, ଯାହାକୁ ଇମ୍ରାନ ସରକାର ଗ୍ରହଣ କରିନଥିଲେ ଏବଂ ପାକିସ୍ତାନକୁ ବହୁତ କ୍ଷତି ସହିବାକୁ ପଡିଥିଲାୟ ପାକିସ୍ତାନୀ ବିଶେଷଜ୍ଞ କମର ଚିମାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଫୱାଦ କହିଛନ୍ତି ଯେ ପାକିସ୍ତାନ ତେହେରିକ୍-ଏ-ଇନସାଫ୍ (ପିଟିଆଇ) ସରକାର ଜେନେରାଲ ବାଜୱାଙ୍କ ଯୋଜନାକୁ ଗ୍ରହଣ ନକରି ଭୁଲ କରିଛି। ସେ କହିଥିଲେ, 'ମୁଁ ଏଥିରେ ସାମିଲ ନଥିଲି, କିନ୍ତୁ ମୁଁ ଜାଣେ ଏହା କିପରି ଶେଷ ହୋଇଥିଲା କିନ୍ତୁ ଜେନେରାଲ ବାଜୱାଙ୍କ ଯୋଜନା ବହୁତ ଦୂରଦୃଷ୍ଟିସମ୍ପନ୍ନ ଥିଲା ।' ମୁଁ ସର୍ବଦା ଜେନେରାଲ ବାଜୱାଙ୍କୁ ପ୍ରଶଂସା କରୁଥିଲି କାରଣ ତାଙ୍କର ବିଶ୍ୱ ଦୃଷ୍ଟିକୋଣ ବହୁତ ପ୍ରଗତିଶୀଳ ଥିଲା । ମୁଁ ବିଶ୍ୱାସ କରେ ଯେ ଭାରତ



ସହିତ କାଶ୍ମୀର ସମାଧାନ ପାଇଁ ସେହି ସମୟରେ ଏକ ବିରାଟ ସୁଯୋଗ ହରାଇ ଦିଆଯାଇଥିଲା । ଯେତେବେଳେ ପରଭେଜ ମୁଶାରଫ ସାହେବ ଆଗ୍ରା ଯାଇଥିଲେ, ସେତେବେଳେ ଏବଂ ଏଠାରେ ପିଟିଆଇ ଏକ ବଡ଼ ସୁଯୋଗ ହରାଇଲା ଯେତେବେଳେ ଆମେ ଜେନେରାଲ ବାଜୱାଙ୍କ ଯୋଜନାକୁ ଗ୍ରହଣ କରିନଥିଲୁ। ଏହା ଉପରେ କମର ଚିମା କହିଛନ୍ତି ଯେ ଜେନେରାଲ ବାଜୱା କହିଥିଲେ ଯେ ସେତେବେଳେ ନିଷ୍ପତ୍ତି ନିଆଯାଇଥିଲା ଯେ ପ୍ରଧାନମନ୍ତ୍ରୀ ମୋଦୀ ବେଲୁଚିସ୍ତାନ ଆସିବେ ଏବଂ ଇମ୍ରାନ ଖାନ କ୍ରିକେଟ ମ୍ୟାଚ୍ ଦେଖିବାକୁ ମୋହାଲି ଯିବେ ଏବଂ ଯଦି ପ୍ରଧାନମନ୍ତ୍ରୀ ମୋଦୀ କରାଚୀରେ ହାତ ହଲାଇବେ, ତେବେ ପରିସ୍ଥିତି ଭଲ ହୋଇପାରେ । କମର ଚିମା କହିଛନ୍ତି, 'ଯେତେବେଳେ ମୁଁ ବେଲୁଚିସ୍ତାନର ଜଣେ ନେତାଙ୍କୁ ଭେଟିଥିଲି, ସେ ମୋତେ କହିଥିଲେ ଯେ ସେଠାରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ।' ସେ କହିଥିଲେ ଯେ ପରେ ଆମେ ଜାଣିଲୁ ଯେ ଏଠାରେ ଏତେ ଟଙ୍କା କାହିଁକି ଖର୍ଚ୍ଚ ହେଉଛି, ତା'ପରେ ଆମେ ଜାଣିଲୁ ମୋଦୀ ଏଠାକୁ ଆସିବେ । କିନ୍ତୁ ଏହା ସମ୍ଭବ ହୋଇନଥିଲା ।

# ୨୦୨୫ରେ 'ଡବଲ ହିଟ୍ ୱେଭ୍' ଆଲର୍ଟ

**ନୂଆଦିଲ୍ଲୀ,୩୦।୩(ଏଜେନ୍ସି):**ପାଣିପାଗ ବିଭାଗର ବଡ଼ ଚେତାବନୀ । ୨୦୨୫ରେ ପ୍ରଚଣ୍ଡ ତାତିର ସାମନା କରିବେ ଦେଶବାସୀ । ଉତ୍ତର-ପଶ୍ଚିମ ଭାରତରେ ଦ୍ୱିଗୁଣିତ ଗ୍ରୀଷ୍ମ ପ୍ରବାହର ସମ୍ଭାବନା ।ଚଳିତ ଗ୍ରୀଷ୍ମଋତୁରେ 'ଡବଲ ହିଟ୍ ୱେଭ୍' ଭଳି ପରିସ୍ଥିତିର ସାମନା କରିବେ । ଏନେଇ ସତର୍କ କରାଇଛି ଆଇଏମଡି । ପୂର୍ବ ବର୍ଷ, ତୁଳନାରେ ଚଳିତ ବର୍ଷ ଅଧିକ ଗ୍ରୀଷ୍ମ ଲହରୀ ପ୍ରବାହ ହେବ । ଏପରିକି ୧୦ରୁ ୧୨ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ହୋଇପାରେ । ସାଧାରଣତଃ ଗ୍ରୀଷ୍ମପ୍ରବାହ ମାତ୍ର ୫ ରୁ ୬ ଦିନ ପାଇଁ ରହିଥାଏ । ପଶ୍ଚିମ ଏବଂ ମଧ୍ୟ ଭାରତରେ ଅଧିକ ଗରମ ହେବ ବୋଲି ଆଇଏମଡି କହିଛି । ଆଇଏମଡି ବୈଜ୍ଞାନିକ ସୋମା ସେନ ରୟ ଏନେଇ ସୂଚନା ଦେଇଛନ୍ତ । ଏହା କେବଳ ଏକ ଆକଳନ ବୋଲି ସେ କହିଛନ୍ତି । ଏହାର ଅର୍ଥ ନୁହେଁ ଯେ, ପ୍ରତ୍ୟେକ ଦିନ ସାଧାରଣ ଗରମ ଅପେକ୍ଷା ଅଧିକ ଗରମ ହେବ । ଆଇଏମଡି ଆଗକୁ ଅଧିକ ଅପଡେଟ୍ ଦେବା ଜାରି ରଖିବ । ଆଇଏମଡି ଅନୁଯାୟୀ, ସାଧାରଣତଃ, ଉତ୍ତର-ପଶ୍ଚିମ ଭାରତରେ ୫ରୁ ୬ ଦିନ ପାଇଁ ଗରମପ୍ରବାହ ଅନୁଭୂତ ହୁଏ, କିନ୍ତୁ ଚଳିତ ବର୍ଷ, ଗ୍ରୀଷ୍ମପ୍ରବାହ ୧୦ରୁ ୧୨ ଦିନ ପର୍ଯ୍ୟନ୍ତ ରହିବ ବୋଲି ଆଶା କରାଯାଉଛି । ଏହି ଗ୍ରୀଷ୍ମପ୍ରବାହକୁ ଡବଲ୍ ହିଟ୍ ୱେଭ୍




ବୋଲି କୁହାଯାଉଛି । ଆଇଏମଡି ବୈଜ୍ଞାନିକ ସୋମା ସେନ ରୟ କହିଛନ୍ତି ଯେ, ଏହା ଏକ ମୌସୁମୀ ପୂର୍ବାନୁମାନ । ୨୦୨୪ ଭାରତର ସବୁଠାରୁ ଗରମ ବର୍ଷ ଥିଲା । ଗତ ବର୍ଷ ଦେଶରେ ୫୫୪ ଦିନ ଧରି ଗରମ ପ୍ରବାହ ଜାରି ରହିଥିଲା । ଆଇଏମଡି ଅନୁଯାୟୀ, ସମତଳ ଅଞ୍ଚଳରେ ତାପମାତ୍ରା ଯେତେବେଳେ ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କରେ କିମ୍ବା ସ୍ୱାଭାବିକ ଠାରୁ ୫ ଡିଗ୍ରୀ ଅଧିକ ହୁଏ, ସେତେବେଳେ ଏକ ଗରମପ୍ରବାହ ଘଟେ । ଫେବୃଆରୀରେ ଆଇଏମଡି ମାର୍ଚ୍ଚରୁ ମେ ୨୦୨୫ ପାଇଁ ଏକ ରିପୋର୍ଟ ଜାରି କରିଥିଲା । ଏହି ରିପୋର୍ଟରେ କୁହାଯାଇଛି ଯେ, ଦେଶର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ । କିନ୍ତୁ, ଦକ୍ଷିଣ ଭାରତ ଏବଂ ଉତ୍ତର-ପୂର୍ବର କିଛି ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକ କିମ୍ବା ସାମାନ୍ୟ କମ୍ ରହିପାରେ । ଆଗାମୀ ଦିନରେ, ଉତ୍ତର ଭାରତରେ ଗରମ ଆହୁରି ବୃଦ୍ଧି ପାଇବ । ଦିଲ୍ଲୀ ଏବଂ ଆଖପାଖ ଅଞ୍ଚଳର ତାପମାତ୍ରା ୧-୨ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇପାରେ । ରାଜସ୍ଥାନରୁ ଆସୁଥିବା ପବନ ଯୋଗୁଁ ତାପମାତ୍ରା ୩-୪ ଡିଗ୍ରୀ ହ୍ରାସ ପାଇପାରେ । ଘଣ୍ଟା ପ୍ରତି ୨୦ରୁ ୩୦ କିମି ବେଗରେ ପବନ ବହିବ । ଏହା ପଞ୍ଜାବ, ହରିୟାଣା ଏବଂ ରାଜସ୍ଥାନରେ ଧୂଳିଝଡ଼ ସୃଷ୍ଟି କରିବ ।

# ଅହମ୍ମଦାବାଦରେ ହଟିବ ଆସାରାମଙ୍କ ଆଶ୍ରମ !

**ଅହମ୍ମଦାବାଦ, ୩୦।୩(ଏଜେନ୍ସି):** ଦୁଷ୍କର୍ମ ମାମଲାରେ ଆଜୀବନ ସଜା କାଟୁଥିବା ଆଶାରାମ ବାପୁଙ୍କ ଠାରୁ ଅହମ୍ମଦାବାଦ ଆଶ୍ରମ ନେଇ ପାରନ୍ତି ଗୁଜରାଟ ସରକାର। ଯେଉଁଠି ଏବେ ଆସାରାମଙ୍କର ଆଶ୍ରମ ରହିଛି ସମ୍ଭବ ଯେ , ସେଠାରେ ୨୦୩୬ରେ ସାରା ବିଶ୍ୱର ଖେଳାଳି ଅଲିମ୍ପିକ ମେଡାଲ ପାଇଁ ପ୍ରତିଯୋଗିତା କରୁଥିବେ । ସାରାବିଶ୍ୱର ସବୁଠୁ ବଡ଼ ଖେଳ ଆୟୋଜକ ଭାବେ ଦାବି କରିବା ପାଇଁ ଗୁଜରାଟର ଅହମ୍ମଦାବାଦରେ ଜୋରସୋରରେ ପ୍ରସ୍ତୁତି ଚଲାଉଛି । ଏଥିପାଇଁ ଯେଉଁ ମାଷ୍ଟର ପ୍ଲାନ୍ କରାଯାଇଛି , ଏହାର ପରିସରରେ ଆଶାରାମଙ୍କ ଆଶ୍ରମ ମଧ୍ୟ ରହିଛି । ଟାଇମ୍ସ ଅଫ୍ ଇଣ୍ଡିଆ ସୂତ୍ରାନୁସାରେ , ଏକ ରିପୋର୍ଟରେ କୁହାଯାଇଛି ଯେ, ଅହମ୍ମଦାବାଦର ମୋଟେରା ସ୍ଥିତ ଆସାରାମର ଆଶ୍ରମର ସରକାର ଅଧିଗ୍ରହଣ କରିପାରେ । ନରେନ୍ଦ୍ର ମୋଦି ଷ୍ଟାଡିୟମର ନିକଟରେ ୩ଟି ଆଶ୍ରମକୁ ହଟାଇ ସେଠାରେ ସର୍ଦ୍ଦାର ପଟେଲ ସ୍ପୋର୍ଟ୍ସ ଏନକ୍ଲେଭ୍ , ଅଲିମ୍ପିକ ଭିଲେଜ୍ ଓ ଅନ୍ୟ ଖେଳ ସୁବିଧା ଗୁଡ଼ିକର ବିକାଶ କରାଯାଇ ପାରେ । ରିପୋର୍ଟରେ କୁହାଯାଇଛି ଯେ, 'ସନ୍ଥ ଶ୍ରୀ ଆସାରାମ ଆଶ୍ରମ' ବ୍ୟତୀତ ଭାରତୀୟ ସେବା ସମାଜ ଓ ସଦାଶିବ୍ ପ୍ରଜ୍ଞା ମଣ୍ଡଳକୁ ମଧ୍ୟ ସିଫ୍ଟ କରାଯାଇ ପାରେ । ସୂତ୍ରାନୁସାରେ କୁହାଯାଇଛି ଯେ , ଏହି ଆଶ୍ରମ ଗୁଡ଼ିକର ଜମିକୁ ଅଧିଗ୍ରହଣ କରି ଏହି ଟ୍ରଷ୍ଟକୁ ବୈକଳ୍ପିକ ସ୍ଥାନ ଦେବାର ପ୍ରକ୍ରିୟା ଚାଲୁ ରହିଛି । ଅହମ୍ମଦାବାଦ ମ୍ୟୁନିସିପାଲ କମିଶନର , ଅହମ୍ମଦାବାଦ ଡିଷ୍ଟ୍ରିକ୍ଟ କଲେକ୍ଟରଙ୍କ ସମେତ ତିନି ସଦସ୍ୟ ବିଶିଷ୍ଟ କମିଟି ମାଷ୍ଟର ପ୍ଲାନ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଲାଗିଛନ୍ତି । ୮୬ ବର୍ଷିୟ ଆସାରାମ ୩୧ ମାର୍ଚ୍ଚ ଯାଏ ଅନ୍ତରୀଣ ଜାମିନରେ ମୁକ୍ତ ହୋଇଛନ୍ତି । ଏହା ପୂର୍ବରୁ ସେ ରାଜସ୍ଥାନର ଯୋଧପୁର ଜେଲରେ ଥିଲେ । ସୁପ୍ରିମକୋର୍ଟ ଗୁଜରାଟରେ ଦୁଷ୍କର୍ମର ଏକ ମାମଲାରେ ଆସାରାମଙ୍କୁ ଅନ୍ତରୀଣ ଜାମିନରେ ମୁକ୍ତି କରିଛନ୍ତି ।ଏହି ମାମଲାରେ ସେସନ କୋର୍ଟ ଜାନୁଆରୀ ୨୦୨୩ରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ଆଜୀବନ ଜେଲଦଣ୍ଡ ଶୁଣାଇ ଥିଲେ ।

# ବଢ଼ିପାରେ ମଧୁମେହ-କର୍କଟ ଔଷଧର ଦାମ୍

**ନୂଆଦିଲ୍ଲୀ୩୦।୩(ଏଜେନ୍ସି):** ମଧୁମେହ ଏବଂ କର୍କଟ ରୋଗୀମାନଙ୍କୁ ଏକ ବଡ଼ ଝଟକା ଲାଗିବାକୁ ଯାଉଛି । ଏକ ରିପୋର୍ଟ ଅନୁଯାୟୀ, କର୍କଟ-ମଧୁମେହ, ହୃଦରୋଗ ଏବଂ ଅନ୍ୟାନ୍ୟ ଆଣ୍ଟିବାୟୋଟିକ୍ ସମେତ ସରକାରୀ ନିୟନ୍ତ୍ରିତ ଔଷଧଗୁଡ଼ିକ ଖୁବ୍ ଶୀଘ୍ର ମହଙ୍ଗା ହୋଇଯିବ । ସୂତ୍ର ଅନୁଯାୟୀ, ଏହି ଅଧ୍ୟୟନରୁ ଜଣାପଡିଛି ଯେ ଔଷଧ କମ୍ପାନୀଗୁଡ଼ିକ ଔଷଧର ମୂଲ୍ୟ ନିର୍ଦ୍ଧାରଣ ସହିତ ଜଡିତ ନିୟମକୁ ବାରମ୍ବାର ଉଲ୍ଲଂଘନ କରୁଛନ୍ତି ଏବଂ ଅନୁମୋଦିତ ମୂଲ୍ୟ ବୃଦ୍ଧି ଅପେକ୍ଷା ଅଧିକ ମୂଲ୍ୟ ବୃଦ୍ଧି କରୁଛନ୍ତି । ଔଷଧର ମୂଲ୍ୟ ନିର୍ଦ୍ଧାରଣ କରୁଥିବା ଭାରତର ନିୟାମକ ସଂସ୍ଥା ନ୍ୟାସନାଲ୍ ଫାର୍ମାସ୍ୟୁଟିକାଲ ପ୍ରାଇସିଂ



ଔଷଧଗୁଡ଼ିକର ମୂଲ୍ୟ ୧.୭ ପ୍ରତିଶତ ବୃଦ୍ଧି ପାଇବାର ଆଶା କରାଯାଉଛି ।ଏହି ଔଷଧଗୁଡ଼ିକର ମୂଲ୍ୟ ବୃଦ୍ଧି ପାଇବାର ଆଶା କରାଯାଉଥିବା ବିଷୟରେ ଆଲୋଚନା କରି, ଅଲ୍ ଇଣ୍ଡିଆ ଅର୍ଗାନାଇଜେସନ୍ ଅଫ୍ କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟର ସାଧାରଣ ସମ୍ପାଦକ ରାଜୀବ ସିଂଘଲ କହିଛନ୍ତି ଯେ, କଞ୍ଚାମାଲର ମୂଲ୍ୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ଏହି ପଦକ୍ଷେପ ଔଷଧ ଶିଳ୍ପକୁ ଆଶ୍ୱସ୍ତି ପ୍ରଦାନ କରିବ । ସେ କହିଛନ୍ତି, ବଜାରରେ ଔଷଧର ନୂତନ ମୂଲ୍ୟ ଦେଖିବାକୁ ଦୁଇରୁ ତିନି ମାସ ସମୟ ଲାଗିବ । କାରଣ ଯେକୌଣସି ସମୟରେ ବଜାରରେ ପ୍ରାୟ ୯୦ ଦିନର ବିକ୍ରୟଯୋଗ୍ୟ ଔଷଧ ଥାଏ । ରାସାୟନିକ ଏବଂ ସାର ସମ୍ପର୍କିତ ସଂସଦୀୟ ସ୍ଥାୟୀ କମିଟିର ଏକ ଅଥରିଟି ଫାର୍ମା କମ୍ପାନୀ ଗୁଡ଼ିକ ଦ୍ୱାରା ୩୦୭ଟି ଉଲ୍ଲଂଘନ ମାମଲା ପାଇଛି । ଏହା ଔଷଧ (ମୂଲ୍ୟ ନିୟନ୍ତ୍ରଣ) ଅର୍ଡର , ୨୦୧୩ ଅନୁଯାୟୀ ଔଷଧୀୟ ଔଷଧର ସର୍ବାଧିକ ମୂଲ୍ୟ ସ୍ଥିର କରେ । ସମସ୍ତ ନିର୍ମାତା ଏବଂ ବିପଣନକାରୀମାନେ NPPA ଦ୍ୱାରା ନିର୍ଦ୍ଧାରିତ ସର୍ବାଧିକ ମୂଲ୍ୟ କିମ୍ବା ତା'ଠାରୁ କମ୍ ମୂଲ୍ୟରେ ସେମାନଙ୍କର ଉତ୍ପାଦ ବିକ୍ରି କରିବାକୁ ପଡିବ । ଏହି ମାସର ଆରମ୍ଭରେ, ରସାୟନ ଏବଂ ସାର ମନ୍ତ୍ରଣାଳୟ କହିଥିଲା ଯେ ଜାତୀୟ ଅତ୍ୟାବଶ୍ୟକ ଔଷଧ ତାଲିକା, ୨୦୨୨ ରେ ତାଲିକାଭୁକ୍ତ ଔଷଧର ମୂଲ୍ୟ ସୀମା ଯୋଗୁଁ ହାରାହାରି ମୂଲ୍ୟରେ ହ୍ରାସ ଘଟିବା ଫଳରେ ରୋଗୀମାନଙ୍କର ବାର୍ଷିକ ପ୍ରାୟ ୩,୭୮୮ କୋଟି ଟଙ୍କା ସଞ୍ଚୟ ହେବ ।

# ପାକିସ୍ତାନ ସହ ଲଢିବ ପଞ୍ଜାବ

**ନୂଆଦିଲ୍ଲୀ,୩୦।୩(ଏଜେନ୍ସି):** ପଞ୍ଜାବ ସରକାରଙ୍କ ବଡ଼ ନିଷ୍ପତ୍ତି । ଭାରତ ପାକିସ୍ତାନ ବର୍ଡରରେ ସୁରକ୍ଷା ବୃଦ୍ଧି କରିବା ପାଇଁ ସରକାର ୫ ହଜାର ହୋମଗାର୍ଡଙ୍କୁ କରିବେ ନିୟୋଜିତ । ଏହା ସହିତ ଆଣ୍ଟି-ଡ୍ରୋନ୍ ସିଷ୍ଟମ ଲଗାଇବ ପଞ୍ଜାବ ସରକାର । ଭାରତ ଇତିହାସରେ ଏହା ପ୍ରଥମ ଥର ହେବ ଯେ କୌଣସି ରାଜ୍ୟ ସରକାର ସୀମାରେ ଦ୍ୱିତୀୟ ସୁରକ୍ଷା ରେଖା ନିର୍ମାଣ କରିବେ । ଭାରତ-ପାକିସ୍ତାନ ସୀମାରେ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ପଞ୍ଜାବ ସରକାର ସୀମାରେ ୫ ହଜାର ହୋମଗାର୍ଡଙ୍କୁ ମୁତୟନ କରିବେ । ଏଥିପାଇଁ ପଞ୍ଜାବ ଅର୍ଥମନ୍ତ୍ରୀ ହରପାଲ୍ ଚିମା ବୁଧବାର ରାଜ୍ୟ ବଜେଟ୍ ୨୦୨୫-୨୬ରେ ୧୧୦ କୋଟି ଟଙ୍କାର ବ୍ୟୟବରାଦ ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ ଅଧିକାଂଶ ନିଶାଦ୍ରବ୍ୟ ଏବଂ ଅସ୍ତ୍ରଶସ୍ତ୍ର ଚୋରାଚାଲାଣ ସୀମା ଦେଇ ହେଉଛି । ବର୍ଡରରୁ ୫୦ କିଲୋମିଟର ପର୍ଯ୍ୟନ୍ତ ଅଞ୍ଚଳ ବିଏସଏଫ ଅଧୀନରେ ଆସେ ତେଣୁ ଏହାକୁ ରୋକିବାର ମୁଖ୍ୟ ଦାୟିତ୍ୱ କେନ୍ଦ୍ର ସରକାର ଏବଂ ବିଏସଏଫର । ଏବେ ପଞ୍ଜାବ ସରକାର ବିଏସଏଫକୁ ସାହାଯ୍ୟ କରିବା ପାଇଁ ଦୁଇଟି ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି । ସେ ଏହା ମଧ୍ୟ କହିଛନ୍ତି, ପଞ୍ଜାବର ଇତିହାସରେ ପ୍ରଥମ ଥର ପାଇଁ ରାଜ୍ୟ ସରକାର ସୀମାରେ ବିଏସଏଫ ଯବାନମାନଙ୍କ ସହିତ ୫ ହଜାର ହୋମଗାର୍ଡଙ୍କୁ ନିୟୋଜିତ କରି ଆଉ ଏକ ଦୃଢ ସୁରକ୍ଷା ରେଖା ସୃଷ୍ଟି କରିବେ । ଏହି ହୋମଗାର୍ଡମାନଙ୍କୁ ରାଜ୍ୟର ସର୍ବୋତ୍ତମ ଯୁବକମାନଙ୍କ ମଧ୍ୟରୁ ଚୟନ କରାଯିବ। ଯେଉଁମାନେ କି ପଞ୍ଜାବର ଭବିଷ୍ୟତକୁ ସୁରକ୍ଷା ଦେବେ । ପଞ୍ଜାବ ସରକାର ଅତ୍ୟାଧୁନିକ ଆଣ୍ଟି-ଡ୍ରୋନ୍ ପ୍ରଣାଳୀ ମଧ୍ୟ ସ୍ଥାପନ କରିବେ । ଯାହା କି ସୀମା ସେପଟରୁ ଶତ୍ରୁମାନଙ୍କ ଦ୍ୱାରା ଆସୁଥିବା ଡ୍ରଗ୍ସ ଏବଂ ଅସ୍ତ୍ରଶସ୍ତ୍ର ବୋଝେଇ ଡ୍ରୋନଗୁଡ଼ିକୁ ଟ୍ରାକ୍ କରି ନଷ୍ଟ କରିବ । ଆଜିକାଲି ଗୁପ୍ତଚରମାନଙ୍କର ଡ୍ରୋନ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବାର କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ପାକିସ୍ତାନ ଏପରି କାର୍ଯ୍ୟକଳାପ ଲଗାତାର ଭାବରେ କରୁଛି । ସେଥିପାଇଁ ପଞ୍ଜାବ ସରକାର ନୂତନ ପ୍ରଯୁକ୍ତିର ପରୀକ୍ଷଣ କରିବା ଆରମ୍ଭ କଲେଣି ।

# ଗାଜାରେ ୩୮ ପାଲେଷ୍ଟାଇନୀ ନିହତ

**ନୂଆଦିଲ୍ଲୀ,୩୦।୩(ଏଜେନ୍ସି):** ଇସ୍ରାଏଲ ଓ ଗାଜା ମଧ୍ୟରେ ଯୁଦ୍ଧ ବନ୍ଦ ହେବାର କୌଣସି ସଙ୍କେତ ଦେଖାଯାଉନାହିଁ । ଯୁଦ୍ଧବିରତି ଚୁକ୍ତିନାମା ପରେ, ଇସ୍ରାଏଲ ପୁଣି ଥରେ ଗାଜାରେ ତାଣ୍ଡବ



ଚଳାଇଛି । ଯେଉଁଥିରେ ଗତ ୨୪ ଘଣ୍ଟା ମଧ୍ୟରେ ୩୮ ଜଣ ପାଲେଷ୍ଟାଇନୀଙ୍କ ମୃତ୍ୟୁ ଘଟିଛି । ଏପର୍ଯ୍ୟନ୍ତ ଅନେକ ପାଲେଷ୍ଟାଇନୀଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ଏହି ସମୟରେ, ଆମେରିକା ୟେମେନ ଉପରେ ପ୍ରବଳ ବୋମା ମାଡ଼ କରିଥିଲା । ହମାସକୁ ମୂଳପୋଛ କରିବା ପାଇଁ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଯୁଦ୍ଧ ଗତ ୧୮ ମାସ ଧରି ଚାଲିଛି । ଯେଉଁଥିରେ ଅନେକ ନିରୀହ ଲୋକ ପ୍ରାଣ ହରାଇଛନ୍ତି । ଏହି କ୍ରମରେ, ଇସ୍ରାଏଲ ପୁଣି ଥରେ ଗାଜା ଉପରେ ବିମାନ ଆକ୍ରମଣ କରିଥିଲା । ଗାଜା ଉପରେ କ୍ଷେପଣାସ୍ତ୍ର ଓ ରକେଟ ମାଡ଼ କରାଯାଇଥିଲା । ଏ ସମ୍ପର୍କରେ ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି, ଗତ ୨୪ ଘଣ୍ଟା ମଧ୍ୟରେ ଗାଜା ଉପରେ ଇସ୍ରାଏଲୀ ଆକ୍ରମଣରେ ଅତି କମରେ ୩୮ ଜଣ ପାଲେଷ୍ଟାଇନୀଙ୍କ ମୃତ୍ୟୁ ହୋଇଛି । ଭଗ୍ନାବଶେଷରୁ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଜାତିସଂଘର ମାନବିକତା ସଂସ୍ଥା ଓସିଏଚଏ ଅନୁସାରେ, ଇସ୍ରାଏଲ ମାର୍ଚ୍ଚ ୧୮ରେ ଗାଜା ଉପରେ ପୁନଃ ଆକ୍ରମଣ କରିବା ପରଠାରୁ ୧୪୨,୦୦୦ ପାଲେଷ୍ଟାଇନୀଙ୍କୁ ବଳପୂର୍ବକ ବିସ୍ଥାପିତ କରାଯାଇଛି ।

# ରୋମାଞ୍ଚକର ମ୍ୟାଚ୍‌ରେ ବାଜି ମାରିଲା ରାଜସ୍ଥାନ ରୟାଲ୍ସ

## ଜିତାଇ ପାରିଲେନି ଧୋନୀ; ଚେନ୍ନାଇର କ୍ରମାଗତ ୨ୟ ପରାଜୟ





ଗୌହାଟୀ,୩୦।୩(ଏଜେନ୍ସି): ଆଇପିଏଲ୍‌ର ୧୧ତମ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ବାଜି ମାରିଲା ରାଜସ୍ଥାନ ରୟାଲ୍ସ ।ରୋମାଞ୍ଚକର ମ୍ୟାଚ୍‌ରେ ରାଜସ୍ଥାନ ୬ ରନରେ ଚେନ୍ନାଇକୁ ହରାଇଛି। ଏଥିସହ ରାଜସ୍ଥାନ ଚଳିତ ଆଇପିଏଲ୍ ସିଜିନରେ ନିଜର ପ୍ରଥମ ବିଜୟ ହାସଲ କରିଛି ଚେନ୍ନାଇ ପ୍ରଥମ ମ୍ୟାଚ୍ ଜିତିବା ପରେ ଲଗାତାର ଦ୍ୱିତୀୟ ପରାଜୟ ଭୋଗିଛି ରାଜସ୍ଥାନ ରୟାଲ୍ସ ଦ୍ୱାରା ଧାର୍ଯ୍ୟ ୧୮୩ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଚେନ୍ନାଇ ୬ ୱିକେଟ୍ ହରାଇ ୧୭୬ ରନରେ ସୀମିତ ରହିଥିଲା ଅଧିନାୟକ ଋତୁରାଜ ଗାଏକ୍ୱାଡ଼ଙ୍କ ୬୩ ରନ ଇନିଂସ ବୃଥା ହୋଇଛି।ରବୀନ୍ଦ୍ର ଜାଡ଼େଜା ୩୨ ରନରେ ଅପରାଜିତ ଥିଲେ ଏହା ପୂର୍ବରୁ ରାଜସ୍ଥାନ ନୀତିଶ ରାଣାଙ୍କ ୮୧ ରନର ବିଧ୍ୱଂସୀ ଇନିଂସ ବଳରେ ୧୮୨ ରନ କରିଥିଲା ରାଜସ୍ଥାନ ପକ୍ଷରୁ ୱାନିନ୍ଦୁ ହସରଙ୍ଗା ୪ ୱିକେଟ୍ ନେଇ ଦଳ ବିଜୟରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।୧୮୩ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଚେନ୍ନାଇକୁ ଶୂନ୍ୟ ରନରୁ ହିଁ ବଡ଼ ଝଟକା ଲାଗିଥିଲ।। ଇନଫର୍ମ ବ୍ୟାଟର ରଚିନ ରବୀନ୍ଦ୍ର ଖାତା ଖୋଲି ପାରି ନ ଥିଲେ। ଏହା ପରେ ରାହୁଲ ତ୍ରିପାଠୀ ଓ ଅଧିନାୟକ ଋତୁରାଜ ଗାଏକ୍ୱାଡ଼ ୪୬ ରନ ଯୋଡ଼ିଥିଲେ। ରାହୁଲ ତ୍ରିପାଠୀ ୨୩ ରନ କରି ଆଉଟ୍ ହୋଇଥିଲେ ଇମ୍ପାକ୍ଟ ପ୍ଲେୟାର ଭାବେ ଆସିଥିବା ଶିବମ ଦୁବେ(୧୮) ନିରାଶ କରିଥିଲେ। ବିଜୟ ଶଙ୍କର(୯) କ୍ରିଜରେ ତିଷ୍ଠି ପାରି ନ ଥିଲେ। ଅନ୍ୟପଟେ ଋତୁରାଜ ଗାଏକ୍ୱାଡ଼ ଇନିଂସ ସମ୍ଭାଳିଥିଲେ ସେ ୪୪ ବଲ୍‌ରୁ ୬୩ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ ।

ଗାଏକୱାଡ଼ଙ୍କ ଆଉଟ୍ ପରେ ଚେନ୍ନାଇର ରନ ରେଟ୍ ହାର ବଢିବାରେ ଲାଗିଥିଲା। ରବୀନ୍ଦ୍ର ଜାଡ଼େଜା ଓ ମହେନ୍ଦ୍ର ସିଂ ଧୋନୀ କ୍ରିଜରେ ଥିବା ପର୍ଯ୍ୟନ୍ତ ଦଳର ବିଜୟ ଆଶା ଉଜ୍ଜୀବିତ ରହିଥିଲା। ଶେଷ ଦୁଇ ଓଭରରେ ଚେନ୍ନାଇକୁ ଜିତିବା ପାଇଁ ୩୯ ରନ ଦରକାର ଥିଲା। ୧୯ତମ ଓଭରରେ ୧୯ ରନ ସଂଗ୍ରହ ହୋଇଥିଲା ତେବେ ୨୦ତମ ଓଭରରେ ଧୋନୀ ୧୧ ବଲରୁ ୧୬ ରନ କରି ଆଉଟ୍ ହେବା ସହ ଚେନ୍ନାଇ ପ୍ରଶଂସକଙ୍କୁ ନିରାଶ କରିଥିଲେ। ଜେମି ଓଭରଟନ ୪ ବଲରୁ ୧୧ ରନ ଓ ଜାଡ଼େଜା ୩୨ ରନ କରି ଅପରାଜିତ ଥିଲେ ହେଁ ଚେନ୍ନାଇକୁ ପରାଜୟରୁ ରକ୍ଷା କରି ପାରି ନ ଥିଲେ ଶେଷରେ ଚେନ୍ନାଇ ଇନିଂସ ୧୭୬ ରନରେ ଅଟକି ଥିଲା । ବୋଲିଂରେ ରାଜସ୍ଥାନ ପକ୍ଷରୁ ୱାନିନ୍ଦୁ ହସରଙ୍ଗା ୩୫ ରନ ଦେଇ ୪ଟି ଅକ୍ତିଆର କରିଛନ୍ତି ସନ୍ଦୀପ ଶର୍ମା ଓ ଜୋଫ୍ରା ଆର୍ଚରଙ୍କ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଛି।

# ପୁଣି ଅଷ୍ଟ୍ରେଲିଆ ଯିବ ରୋହିତ ବାହିନୀ

ମେଲବୋର୍ନ,୩୦।୩: ଭାରତୀୟ କ୍ରିକେଟ ଦଳର ଚଳିତବର୍ଷ ପରବର୍ତ୍ତୀ ଭାଗରେ ଅଷ୍ଟ୍ରେଲିଆ ଟୁର୍‌ରେ ଯିବ ଦଳ। ସେଠାରେ ୩ ଅନ୍ତର୍ଜାତୀୟ ଦିନିକିଆ ଓ ୫ ଅନ୍ତର୍ଜାତୀୟ ଟି୨୦ ଖେଳିବ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ଭ୍ରମଣକାରୀ ଦଳ ହ୍ୱାଇଟ୍‌ବଲ୍ ମ୍ୟାଚଗୁଡ଼ିକ ଅକ୍ଟୋବର ୧୯ରୁ ନଭେମ୍ବର ୮ ମଧ୍ୟରେ ଖେଳିବ ୫୦ ଓଭର ବିଶିଷ୍ଟ ମ୍ୟାଚ୍‌ଗୁଡ଼ିକ ଦିବାରାତ୍ର ଏବଂ ଟି୨୦ଗୁଡ଼ିକ ରାତିରେ ଖେଳାଯିବ। ୨୦୨୫-୨୦୨୬ ସିଜନରେ ପ୍ରଥମ ଥର ସମସ୍ତ ପୁରୁଷ ଅନ୍ତର୍ଜାତୀୟ ମ୍ୟାଚଗୁଡ଼ିକ ଅଷ୍ଟ୍ରେଲିଆର ୮ଟି ପ୍ରଦେଶରେ



ଆୟୋଜନ କରାଯାଇଛି।

ଟି୨୦ ସିରିଜ ବେଳେ କାନବେରା ଓ ହୋବାର୍ଟରେ ମ୍ୟାଚ ଖେଳାଯିବ ୨୦୨୩ ବିଶ୍ୱକପ୍ ଫାଇନାଲିଷ୍ଟ ଏହାର ୫୦ ଓଭର ବିଶିଷ୍ଟ ମ୍ୟାଚଗୁଡ଼ିକ ପର୍ଥ ଆଡିଲେଡ୍ ଓ ସିଡ୍‌ନିରେ ଖେଳିବ ନିୟମିତ ଭେନ୍ୟୁ ଏମ୍‌ସିଜି ଓ ଗାବା ବ୍ୟତୀତ ଗୋଲ୍‌ଡ କୋଷ୍ଟର କାରାରା ଷ୍ଟାଡିୟମରେ ଟି୨୦ ମ୍ୟାଚ ଖେଳ ହେବ। ଗତ ୨୦୨୪-୨୫ରେ ପାଞ୍ଚ ଟେଷ୍ଟ ବିଶିଷ୍ଟ ବର୍ଡର-ଗାଭାସ୍କର ଟ୍ରଫି ବେଳେ ଅଷ୍ଟ୍ରେଲିଆରେ ରେକର୍ଡ ସଂଖ୍ୟକ ଦର୍ଶକ ଦେଖିବାକୁ ମିଳିଥିଲା। ତେଣୁ ଆଗାମୀ ସିରିଜରେ ମଧ୍ୟ ଅନୁରୂପ ଭିଡ଼ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଥିବା ଥିବା କ୍ରିକେଟ ଅଷ୍ଟ୍ରେଲିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଟଡ୍ ଗ୍ରିନ୍‌ବର୍ଗ ପ୍ରକାଶ କରିଛନ୍ତି।

ଦିନିକିଆ । ସିରିଜ କାର୍ଯ୍ୟସୂଚୀ-

ଅକ୍ଟୋବର ୧୯: ପର୍ଥ ଷ୍ଟାଡିୟମ (ଦିବା/ରାତ୍ର)
ଅକ୍ଟୋବର ୨୩: ଆଡିଲେଡ୍ ଓଭାଲ (ଦିବା/ରାତ୍ର)
ଅକ୍ଟୋବର ୨୫: ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଦିବା/ରାତ୍ର)

**ଟି୨୦ ସିରିଜ-**

ଅକ୍ଟୋବର ୨୯: ମନୁକା ଓଭାଲ, କାନବେରା (ରାତି)
ଅକ୍ଟୋବର ୩୧: ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ରାତି)
ନଭେମ୍ବର ୨: ବେଲେରିଭ ଓଭାଲ, ହୋବାର୍ଟ (ରାତି)
ନଭେମ୍ବର ୬: ଗୋଲ୍ଡକୋଷ୍ଟ ଷ୍ଟାଡିୟମ (ରାତି)
ନଭେମ୍ବର ୮: ଗାବା, ବ୍ରିସ୍‌ବେନ (ରାତି)।

# ହାଇଦ୍ରାବାଦର ଶୋଚନୀୟ ପରାଜୟ



ବିଶାଖାପଟନମ,୩୦।୩(ଏଜେନ୍ସି)ଃ ମିଚେଲ୍ ଷ୍ଟାର୍କ ଓ କୁଲଦୀପ ଯାଦବଙ୍କ ଘାତକ ବୋଲିଂ ପରେ ଦମ ଦେଖାଇଲେ ବ୍ୟାଟର।ବିଶାଖାପଟନମରେ ଖେଳା ଯାଇଥିବା ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୭ ୱିକେଟ୍‌ରେ ସନରାଇଜର୍ସ ହାଇଦ୍ରାବାଦକୁ ହରାଇଛି। ଦିଲ୍ଲୀ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଥିବା ବେଳେ ହାଇଦ୍ରାବାଦ ନିଜର ତୃତୀୟ ମ୍ୟାଚ୍‌ରୁ ଦ୍ୱିତୀୟ ପରାଜୟ ଭୋଗିଛି। ୧୬୪ ରନ ବିଜୟ ଲକ୍ଷ୍ୟ ପିଛା କରି ଦିଲ୍ଲୀ ୧୬ ଓଭରରେ ୩ ୱିକେଟ୍ ହରାଇ ସହଜରେ ହାସଲ କରି ନେଇଛି। ଦଳ ପକ୍ଷରୁ ଫାଫ ଡୁପ୍ଲେସିସ୍ ସର୍ବାଧିକ ୫୦ ରନ କରିଥିବା ବେଳେ ଅଭିଷେକ ପୋରେଲ ୩୪ ରନ ଓ ଟ୍ରିଷ୍ଟନ ଟବ୍ସ ୨୧ ରନ କରି ଅପରାଜିତ ଥିଲେ। ଏହା ପୂର୍ବରୁ ହାଇଦ୍ରାବାଦ ଅନିକେତ ବର୍ମାଙ୍କ ୭୪ ରନ ବଳରେ ୧୮.୪ ଓଭରରେ ୧୬୩ ରନ କରି ପାରିଥିଲା। ବିଜୟ ସହ ଦିଲ୍ଲୀ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠିଥିବା ବେଳେ ଷଷ୍ଠକୁ ଖସି ଆସିଛି ହାଇଦ୍ରାବାଦ ବୋଲିଂରେ ମିଚେଲ୍ ଷ୍ଟାର୍କ ୫ ୱିକେଟ୍ ନେଇ ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୬୪ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଦିଲ୍ଲୀକୁ ଦମଦାର ଆରମ୍ଭ ଦେଇଥିଲେ ଦୁଇ ଓପନର ଫାଫ ଡୁ ପ୍ଲେସିସ୍ ଓ ଜେକ ଫ୍ରେଜର ମ୍ୟାକଗର୍ଗ ବିଶେଷ କରି ଡୁପ୍ଲେସିସ୍ ଧୂଆଁଧାର ବ୍ୟାଟିଂ କରିଥିଲେ। ଦୁହେଁ ପ୍ରଥମ ୱିକେଟ୍‌ରେ ୮୧ ରନ ଯୋଡ଼ି ଦଳର ବିଜୟ ସହଜ କରିଥିଲେ ଡୁପ୍ଲେସିସ୍ ୨୭ ବଲରୁ ୩ ଚୌକା ଓ ୩ ଛକା ସହ ୫୦ ରନ କରିଥିଲେ। ଅନ୍ୟପଟେ କ୍ରିଜରେ ସଂଘର୍ଷ କରୁଥିବା ଫ୍ରେଜର ୩୨ ବଲରୁ ୩୮ ରନ କରି ପାଭିଲିୟନ ଫେରିଥିଲେ। ମଧ୍ୟକ୍ରମରେ କେଏଲ ରାହୁଲ ୧୫ ରନ କରି ଆଉଟ୍ ହୋଇଥିଲେ । ଏହା ପରେ ଅଭିଷେକ ପୋରେଲ ଓ ଟ୍ରିଷ୍ଟନ ଟବ୍ସ ଦଳକୁ ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ ଦୁଇ ବ୍ୟାଟର ଅବିଭାଜିତ ଚତୁର୍ଥ ୱିକେଟ୍‌ରେ ୫୧ ରନ ଯୋଡ଼ି ଦଳକୁ ୨୪ ବଲ ପୂର୍ବରୁ ବିଜୟୀ କରାଇଛନ୍ତି।ପୋରେଲ୍ ମାତ୍ର ୧୮ ବଲରୁ ୨ ଚୌକା ଓ ୨ ଛକା ସହ ୩୪ ରନ ଓ ଷ୍ଟବ୍ସ ୨୧ ରନ କରି ଅପରାଜିତ ଥିଲେ ।ପ୍ରଥମେ ବ୍ୟାଟିଂ କରିଥିବା ଏସଆରଏଚର ଆରମ୍ଭ ନୈରାଶ୍ୟଜନକ ଥିଲା। ୧୧ ରନ ସ୍କୋରରେ ଅଭିଷେକ ଶର୍ମା(୧ ରନ), ୨୦ ରନ ସ୍କୋରରେ ଇଶାନ କିଶନ(୨) ଓ ୨୫ ରନ ସ୍କୋରରେ ନୀତିଶ ରେଡ୍ଡୀ(୦) ଆଉଟ୍ ହୋଇଥିଲେ ।ଏହା ପରେ ଫର୍ମରେ ଥିବା ଟ୍ରେଭିସ ହେଡ ୨୨ ରନ କରି ଆଉଟ୍ ହୋଇଥିଲେ ୩୭ ରନରେ ୪ ୱିକେଟ୍ ହରାଇ ମୁସ୍କିଲରେ ପଡ଼ିଥିବା ଏସଆରଏଚ ଇନିଂସକୁ ସମ୍ଭାଳିଥିଲେ। ଅନିକେତ ବର୍ମା ଅନିକେତ ଓ ହେନରିକ କ୍ଲାସେନ ଦ୍ରୁତ ବ୍ୟାଟିଂ କରି ଦଳର ସ୍କୋରକୁ ୧୦୦ ପାର ପହଞ୍ଚାଇଥିଲେ ଦୁହେଁ ୫ମ ୱିକେଟ୍ ପାଇଁ ୭୭ ରନ ଯୋଡ଼ିଥିଲେ କ୍ଲାସେନ ୧୯ ବଲ୍‌ରୁ ୩୨ ରନର ଉପଯୋଗୀ ରନ କରିଥିଲେ।

ଗୋଟିଏ ପଟେ ୱିକେଟ୍ ଖସି ଚାଲିଥିଲେ ହେଁ ଅନିକେତ ବିସ୍ଫୋରକ ବ୍ୟାଟିଂ ଜାରି ରଖିଥିଲେ। ନିମ୍ନକ୍ରମରେ କୌଣସି ବ୍ୟାଟର କ୍ରିଜରେ ତିଷ୍ଠି ପାରି ନ ଥିଲେ ଅନିକେତ ୪୧ ବଲରୁ ୫ ଚୌକା ଓ ୬ ଛକା ସହ ୭୪ ୫ ରନର ଦମଦାର ଇନିଂସ ଖେଳିଥିଲେ। ଫଳରେ ଏସଆରଏଚ ୧୬୩ ରନ ସ୍କୋରରେ ପହଞ୍ଚି ପାରିଥିଲା। ଦଳ ୧୮.୪ ଓଭରରେ ଅଲଆଉଟ୍ ହୋଇଥିଲା।

ବୋଲିଂରେ ଦିଲ୍ଲୀ ପକ୍ଷରୁ ମିଚେଲ୍ ଷ୍ଟାର୍କ ଶାଣିତ ବୋଲିଂ କରିଥିଲେ। ସେ ନିଜ ଆଇପିଏଲ୍ କ୍ୟାରିୟରରେ ସର୍ବଶ୍ରେଷ୍ଠ ବୋଲିଂ କରି ପ୍ରଥମ ଥର ୫ ୱିକେଟ୍ ଅକ୍ତିଆର କରିଛନ୍ତି। କୁଲଦୀପ ଯାଦବ ୨୨ ରନ ଦେଇ ୩ଟି ୱିକେଟ୍ ନେଇଛନ୍ତି।

# ବିଳାସପୂର୍ଣ୍ଣ ବଙ୍ଗଳା କିଣିଲେ ସୂର୍ଯ୍ୟକୁମାର



ନୂଆଦିଲ୍ଲୀ,୩୦।୩: ସୂର୍ଯ୍ୟକୁମାର ଯାଦବ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଅନେକ ଥର ବିସ୍ଫୋରକ ବ୍ୟାଟିଂ କରିଛନ୍ତି। କିନ୍ତୁ ସେ ଓଟଖ ୨୦୨୫ ର ତାଙ୍କର ପ୍ରଥମ ମ୍ୟାଚରେ କିଛି ବିଶେଷ କରିପାରି ନ ଥିଲେ। ସୂର୍ଯ୍ୟକୁମାର ଏବଂ ତାଙ୍କ ପତ୍ନୀ ଦେବୀଶା ଶେଟ୍ଟୀ ମୁମ୍ବାଇରେ ଦୁଇଟି ନୂତନ ଘର କିଣିଛନ୍ତି। ଏଗୁଡ଼ିକର ମୂଲ୍ୟ କୋଟି କୋଟି ଟଙ୍କାୟ

ସୂର୍ଯ୍ୟକୁମାର ଯାଦବ ଦେଓନାରର ଗୋଦରେଜ ସ୍କାଏ ଟେରାସ୍ରେ ଦୁଇଟି ନୂତନ ଆପାର୍ଟମେଣ୍ଟ କିଣିଛନ୍ତି। ଏହାର ମୋଟ କାର୍ପେଟ କ୍ଷେତ୍ରଫଳ ପ୍ରାୟ ୪୨୨୨.୭୬ ବର୍ଗଫୁଟ।ସୂର୍ଯ୍ୟଙ୍କ ନୂତନ ଫ୍ଲାଟର ମୂଲ୍ୟ ପ୍ରାୟ ୨୧.୧୧ କୋଟି ଟଙ୍କା। ଫ୍ଲାଟ କିଣିବା ଉପରେ ୧.୨୬ କୋଟି ଟଙ୍କାର ଷ୍ଟାମ୍ପ ଡ୍ୟୁଟି ମଧ୍ୟ ପୈଠ କରାଯାଇଛି।

ସୂର୍ଯ୍ୟଙ୍କ ନୂତନ ଫ୍ଲାଟର ଭିତର ଫଟୋ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ। ସୂର୍ଯ୍ୟ ଆଇପିଏଲରେ ବ୍ୟସ୍ତ ଅଛନ୍ତି। ସେ ସିଜିନର ପ୍ରଥମ ମ୍ୟାଚରେ ମୁମ୍ବାଇର ଅଧିନାୟକତ୍ୱ ମଧ୍ୟ କରିଥିଲେ। ସିଜିନର ମୁମ୍ବାଇର ପ୍ରଥମ ମ୍ୟାଚ ଚେନ୍ନାଇ ସୁପର କିଙ୍ଗସ ବିପକ୍ଷରେ ଥିଲା। ଏଥିରେ ମୁମ୍ବାଇ ୪ ଉଇକେଟରେ ପରାଜୟର ସାମ୍ନା କରିଥିଲା।

# ୧୦,୦୦୦ ମିଟର ରେସ୍‌ରେ ଗୁଲ୍‌ବୀରଙ୍କ ଜାତୀୟ ରେକର୍ଡ

ନୂଆଦିଲ୍ଲୀ,୩୦।୩: କାଲିଫର୍ନିଆର ସାନ୍ ଜୁଆନ କାପିଷ୍ଟ୍ରାନୋଠାରେ ୱାଲର୍‌ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ଅନ୍ତର୍ଗତ ଦି ଟେନ୍ ଟ୍ରାକ୍ ଫେଷ୍ଟିଭାଲ ଇଭେଣ୍ଟର



୧୦, ୦୦୦ ମିଟର ରେସ୍‌ରେ ଭାରତର ଲଙ୍ଗ ଡିଷ୍ଟାନ୍ସ ରନର ଗୁଲ୍‌ବୀର ସିଂ ତାଙ୍କ ନାମରେ ରହିଥିବା ଜାତୀୟ ରେକର୍ଡକୁ ଭଙ୍ଗ କରିଛନ୍ତି।ପ୍ରତିଯୋଗିତାରେ କିନ୍ତୁ ସେ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ ତାଙ୍କ ଟାଇମିଂ ୨୭:୦୦.୨୨ ମିନିଟ ରହିଥିଲା ହାଙ୍ଗ୍‌ଝୋ ଏସିଆନ ଗେମ୍ସ ବ୍ରୋଞ୍ଜ ପଦକ ବିଜେତା ଧାବକ ଏହାପୂର୍ବରୁ ଗତବର୍ଷ ନଭେମ୍ବରରେ ଜାପାନର ହାଚିଓଜିଠାରେ ୨୭:୧୪.୮୮ ଟାଇମିଂରେ ରେକର୍ଡର ଅଧିକାରୀ ହୋଇଥିଲେ। ଭାରତୀୟ ଆର୍ମିରେ କାର୍ଯ୍ୟରତ ଉତ୍ତର ପ୍ରଦେଶର ୨୬ ବର୍ଷୀୟ ଗୁଲ୍‌ବୀରଙ୍କ ନାମରେ ଆହୁରି ମଧ୍ୟ ୧୩:୧୧.୮୨ ମିନିଟ ଟାଇମିଂରେ ୫,୦୦୦ ମିଟର ଦୌଡ଼ ଜାତୀୟ ରେକର୍ଡ ରହିଛି ।

## ଏନ୍‌ସିଏ ଏଲିଟ୍ କ୍ୟାମ୍ପ୍‌ରେ ଓଡ଼ିଶାରୁ ୪


ଭୁବନେଶ୍ୱର,୩୦।୩: ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ୍ ଏକାଡେମି (ଏନ୍‌ସିଏ) ପକ୍ଷରୁ ଆୟୋଜିତ ହେବାକୁ ଥିବା ଏନ୍‌ସିଏ ୧୬ବର୍ଷରୁ କମ୍ ବାଳକ ଏଲିଟ୍ ପ୍ରଶିକ୍ଷଣ ଶିବିର ଲାଗି ଓଡ଼ିଶାର ୪ଜଣ ଖେଳାଳି ମନୋନୀତ ହୋଇଛନ୍ତି ବିଜୟ ମର୍ଚ୍ଚାଣ୍ଟ ଘରୋଇ କ୍ରିକେଟ୍ ପ୍ରତିଯୋଗିତାର ପ୍ରଦର୍ଶନ ଆଧାରରେ ସେମାନଙ୍କୁ ଏହି ସମ୍ମାନଜନକ ଶିବିର ଲାଗି ଡାକରା ମିଳିଛି। ଖେଳାଳିମାନେ ହେଲେ ମହେଶ କେ ସାହୁ, ପାନକଳା ମୋଖିତ, ସ୍ୱାଗତ ସେରଭ ମିଶ୍ର ଓ ରାଜ ଯାଦବ। ତାମିଲନାଡୁର ସଲେମଠାରେ ଆୟୋଜିତ ହେବାକୁ ଥିବା ଟିମ୍- ଏ ପ୍ରଶିକ୍ଷଣ ଶିବିରରେ ମହେଶ, ପାନକଳା ଜୟପୁରରେ ଆୟୋଜିତ ହେବାକୁ ଥିବା ଟିମ୍-ବି ଏବଂ ସ୍ୱାଗତ ଓ ରାଜ୍ ମହାରାଷ୍ଟ୍ରର ପୁଣେଠାରେ ଆୟୋଜିତ ହେବାକୁ ଥିବା ଟିମ୍-ଡି ପ୍ରଶିକ୍ଷଣ ଶିବିରରେ ଯୋଗଦେବେ ଏହି ଶିବିର ଏପ୍ରିଲ ୮ରୁ ୧୪ ମେ ପର୍ଯ୍ୟନ୍ତ ଆୟୋଜିତ ହେବ।

# ଭାରତ ଆସିବେ ବିଶ୍ୱ ବିଜେତା ମେସି

ନୂଆଦିଲ୍ଲୀ,୩୦।୩: ଭାରତର ଫୁଟବଲ୍ ପ୍ରେମୀମାନଙ୍କ ପାଇଁ ଖୁସି ଖବର। ଅକ୍ଟୋବରରେ କେରଳରେ ଏକ ପ୍ରଦର୍ଶନୀ ମ୍ୟାଚ୍ରେ କିମ୍ବଦନ୍ତୀ ଲିଓନେଲ୍ ମେସି ଏବଂ ଆର୍ଜେଣ୍ଟିନା ଦଳକୁ ଦେଖିବାର ସୁଯୋଗ ପାଇବେ। ୧୪ ବର୍ଷ ପରେ ବିଶ୍ୱକପ୍ ବିଜେତା ଅଧିନାୟକ ୨୦୧୧ ପରେ ଭାରତ ଗସ୍ତରେ ଆସିବେ।

ଗତ ବର୍ଷ ନଭେମ୍ବରରେ, କେରଳର କ୍ରୀଡା ମନ୍ତ୍ରୀ ଭି ଅବଦୁରାହିମାନ ଘୋଷଣା କରିଥିଲେ ଯେ ଆର୍ଜେଣ୍ଟିନା ଦଳ କେରଳ ଗସ୍ତ କରିବ ଏବଂ କୋଚିରେ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଏଚଏସବିସି ଇଣ୍ଡିଆ। ଆର୍ଜେଣ୍ଟିନା ଦଳର ଆଧିକାରିକ ଅଂଶୀଦାର ହୋଇ ଘୋଷଣା କରିଛି ଯେ ମ୍ୟାଚ୍ ଅକ୍ଟୋବରରେ ଅନୁଷ୍ଠିତ ହେବ, ଭାରତରେ ଫୁଟବଲକୁ ସହଯୋଗ ଏବଂ ପ୍ରୋତ୍ସାହନ କରିବ।

ଏହି ସହଭାଗୀତା ଅଧୀନରେ, କିମ୍ବଦନ୍ତୀ ଖେଳାଳି ଲିଓନେଲ୍ ମେସିଙ୍କ ସମେତ ଆର୍ଜେଣ୍ଟିନା ଜାତୀୟ



ଫୁଟବଲ୍ ଦଳ ଅକ୍ଟୋବର ୨୦୨୫ରେ ଏକ ଅନ୍ତର୍ଜାତୀୟ ପ୍ରଦର୍ଶନୀ ମ୍ୟାଚ୍ ପାଇଁ ଭାରତ ଗସ୍ତ କରିବେ ବୋଲି ଏଚଏସବିସି ଇଣ୍ଡିଆର ଏକ ବିଜ୍ଞପ୍ତିରେ କୁହାଯାଇଛି।

ଆର୍ଜେଣ୍ଟିନା ଫୁଟବଲ୍ ଆସୋସିଏସନ୍ (ଏଏଫ୍‌ଏ) ଏବଂ ଏଚଏସବିସି ଭାରତ ଏବଂ ସିଙ୍ଗାପୁର ପାଇଁ ଏକ ନୂତନ ଏକ ବର୍ଷର ସହଭାଗୀତା ସ୍ୱାକ୍ଷର ଘୋଷଣା କରିଛନ୍ତି, ଯାହା ୨୦୨୬ ବିଶ୍ୱକପ୍ ଯୋଗ୍ୟତା ଫାଇନାଲ ମ୍ୟାଚ୍ ପୂର୍ବରୁ ୨୦୨୫ରେ ପ୍ରତିଯୋଗିତାମୂଳକ ଋତୁକୁ କଭର କରିବ। ମେସିଙ୍କ ପ୍ରଥମ ଭାରତ ଯାତ୍ରା ସେପ୍ଟେମ୍ବର ୨୦୧୧ ରେ ହୋଇଥିଲା, ଯେତେବେଳେ ସେ କୋଲକାତାରେ ଭେନେଜୁଏଲା ବିପକ୍ଷରେ ଏକ ବିଶ୍ୱକପ୍ ଯୋଗ୍ୟତା ମ୍ୟାଚ୍ ଖେଳିଥିଲେ। ସଲ୍ଟ ଲେକ୍ ଷ୍ଟାଡିୟମରେ ଆର୍ଜେଣ୍ଟିନା ୧-୦ ବିଜୟ ହାସଲ କରିଥିଲା।

ଇଣ୍ଟରନ୍ୟାସନାଲ୍ ୱେଲ୍ଥ ଏବଂ ପ୍ରିମିୟର ବ୍ୟାଙ୍କିଂ ଏଚଏସବିସି ଇଣ୍ଡିଆର ମୁଖ୍ୟ ସନ୍ଦୀପ ବାତ୍ରା କହିଛନ୍ତି: ଯେତେବେଳେ ଆମେ ଫୁଟବଲ୍ ବିଶ୍ୱର ସବୁଠାରୁ ସମ୍ମାନିତ ଦଳଗୁଡ଼ିକ ମଧ୍ୟରୁ ଗୋଟିଏ ସହିତ ମିଶିଛୁ, ଆମେ ପ୍ରଶଂସକ ଏବଂ ଗ୍ରାହକମାନଙ୍କ ପାଇଁ ଅବିସ୍ମରଣୀୟ ଅଭିଜ୍ଞତା ସୃଷ୍ଟି କରିବାକୁ ଏବଂ ୨୦୨୬ ବିଶ୍ୱକପ୍ ଆଡକୁ ଆର୍ଜେଣ୍ଟିନା ଦଳକୁ ସମର୍ଥନ କରିବାକୁ ଅପେକ୍ଷା କରିଛୁ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ